ଆଜି - ଶୁକ୍ରବାର
ତାରିଖ - ୧୯ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୫
ତିଥି - ପଞ୍ଚମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଅଶ୍ଲେଷା, କର୍କଟ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ପ୍ରକୃତ ଶିକ୍ଷକ ହେଉଛନ୍ତି ସେହିମାନେ, ଯେଉଁମାନେ ଆମକୁ ଆମ ନିଜ ପାଇଁ ଚିନ୍ତା କରିବାକୁ ଶିକ୍ଷା ପ୍ରଦାନ କରନ୍ତି ।"
- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

E-News : www.Ajikali epaper.com

Vol.- 41 ISSUE- 66 R.N.I. REGD. No. 44026/86 ବାଲେଶ୍ୱର ୧୯ ଜୁନ୍ ୨୦୨୬ ଶୁକ୍ରବାର BALASORE 19 JUNE 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦

### ଆଜି ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି, ଆସନ୍ତାକାଲି ଆସିବେ ପ୍ରଧାନମନ୍ତ୍ରୀ

## ଚଳଂଚଳ ରାଇରଙ୍ଗପୁର




ଭୁବନେଶ୍ୱର: ଓଡ଼ିଶାରେ ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହି ଅବସରରେ ରାଇରଙ୍ଗପୁରରେ ଏକାଧିକ ମେଗା ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ କରିବେ । କାର୍ଯ୍ୟକ୍ରମରେ ଓଡ଼ିଶାର ଶକ୍ତି, ସଡ଼କ, ପାନୀୟ ଜଳ, କ୍ରୀଡ଼ା ଏବଂ ଆଦିବାସୀ ଉନ୍ନୟନ କ୍ଷେତ୍ରର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ରାଷ୍ଟ୍ରକୁ ଉତ୍ସର୍ଗ କରାଯିବ । ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭାରତ କୋଲ ଗ୍ୟାସିଫିକେସନ ଆଣ୍ଡ କେମିକାଲ୍ସ ଲିମିଟେଡ୍ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ୬୦୦ ମେଗାୱାଟ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ, ଆଇବି ଥର୍ମାଲ ପାୱାର ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ, ଭୁବନେଶ୍ୱରରେ ଏମଏସଡବ୍ଲୁ ସିବିଜି ପ୍ଲାଂଟ, କଟକ-ଭୁବନେଶ୍ୱର ସଂଯୋଗ ପାଇଁ ନୂତନ ବ୍ରିଜ୍ ନିର୍ମାଣ, ବିଭିନ୍ନ ଜାତୀୟ ରାଜପଥ ଓ ଗ୍ରାମୀଣ ସଡ଼କ ପ୍ରକଳ୍ପ ସାମିଲ ରହିଛି । ସେହିପରି ୨୪ଟି ଅଟଳ ବସ୍ ଷ୍ଟାଣ୍ଡ, ୯ଟି ଅଟୋମେଟେଡ୍ ଟେଷ୍ଟିଂ ଷ୍ଟେସନ, ବାଲେଶ୍ୱର, କୋରାପୁଟ, ନୟାଗଡ଼ ସହ ବିଭିନ୍ନ ଜିଲ୍ଲାର ପାନୀୟ ଜଳ ପ୍ରକଳ୍ପ, ରାଇରଙ୍ଗପୁର ଇନଡୋର ବ୍ୟାଡମିଂଟନ କମ୍ପ୍ଲେକ୍ସ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଓ ଟ୍ରାଇବାଲ ରିସର୍ଚ୍ଚ ସେଂଟରର ଉଦ୍ଘାଟନ ମଧ କରାଯିବ ।

### ଫ୍ରାନ୍ସର ଏଭିୟନଠାରେ ଜି-୭ ଶିଖର ସମ୍ମିଳନୀ ଅବସରରେ

## ଆମେରିକା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୭ ଜୁନ୍ ୨୦୨୬ରେ ଫ୍ରାନ୍ସର ଏଭିୟନରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଯୁକ୍ତରାଷ୍ଟ୍ର




ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ସହିତ ଏକ ବ୍ୟାପକ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ପାଇଁ ହୋଇଥିବା ଚୁକ୍ତିରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି । ସେ ହର୍ମୁଜ୍ ପ୍ରଣାଳୀରେ ମୁକ୍ତ ନୌପରିବହନ ଏବଂ ବାଧାମୁକ୍ତ ବାଣିଜ୍ୟ ବଜାୟ ରଖିବା ତଥା ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଛନ୍ତି । ଦୁଇ ନେତା ଫେବୃଆରୀ ୨୦୨୫ରେ ୱାଶିଂଟନ ଡି.ସି.ରେ ହୋଇଥିବା ସାକ୍ଷାତ ପରଠାରୁ ଭାରତ-ଆମେରିକା କମ୍ପାକ୍ଟ (କମ୍ପାକ୍ଟ: କ୍ୟାଟଲାଇଜିଂ ଅପର୍ଚ୍ଚୁନିଟିଜ୍ ଫର୍ ମିଲିଟ୍ରି ପାର୍ଟନରଶିପ୍, ଏକ୍ସେଲରେଟେଡ୍ କମର୍ସ ଏଣ୍ଡ ଟେକ୍ନୋଲୋଜି) ଅଧୀନରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଗତିର ସମୀକ୍ଷା କରିଥିଲେ । ସେମାନେ ପ୍ରତିରକ୍ଷା, ରଣନୀତିକ ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ କ୍ଷେତ୍ରରେ ପ୍ରମୁଖ ଅଗ୍ରଗତିକୁ ସ୍ୱାଗତ କରିଥିଲେ । ଏକ ମଧ୍ୟବର୍ତ୍ତୀକାଳୀନ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ପାଇଁ ଆଲୋଚନାରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ନେଇ ଦୁଇ ନେତା ବିଶେଷ ସନ୍ତୋଷ ପ୍ରକାଶ କରିଥିଲେ । ଏହାସହିତ, ଯଥାଶୀଘ୍ର ଏକ ସନ୍ତୁଳିତ, ପାରସ୍ପରିକ ଲାଭଦାୟକ ଏବଂ ବାଣିଜ୍ୟିକ ଭାବରେ ଅର୍ଥପୂର୍ଣ୍ଣ ଚୁକ୍ତିନାମା ପାଇଁ କାର୍ଯ୍ୟ କରିବାକୁ ସେମାନଙ୍କର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ, ଆମେରିକାର ବାଣିଜ୍ୟ ପ୍ରତିନିଧି ଶ୍ରୀ ଜେମସନ ଗ୍ରୀୟର ଆସନ୍ତା ସପ୍ତାହରେ ଭାରତ ଗସ୍ତ କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତ-ଆମେରିକା ବ୍ୟାପକ ବିଶ୍ୱ ରଣନୀତିକ ସହଭାଗୀତାକୁ ଆହୁରି ସୁଦୃଢ଼ କରିବା ଏବଂ ଉଭୟ ଦେଶ ଓ ସେମାନଙ୍କର ଲୋକଙ୍କ ପାରସ୍ପରିକ ଲାଭ ପାଇଁ ସମସ୍ତ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

## ଦୀର୍ଘକାଳୀନ ଅନୁପସ୍ଥିତ ଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ଡାକ୍ତରମାନଙ୍କର ଦୀର୍ଘକାଳୀନ ଅନୁପସ୍ଥିତି ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡିଶାର ବିଭିନ୍ନ ଡାକ୍ତରଖାନାରେ ୧୨୮ ଜଣ ମେଡିକାଲ ଅଫିସର ଓ ଡେଂଟାଲ ସର୍ଜନ ଦୀର୍ଘ ୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ସେମାନଙ୍କ ସ୍ଥିତି ବିଷୟରେ ଜଣାଇବା ପାଇଁ ଖବରକାଗଜରେ ଇସ୍ତାହାର ମଧ ଦିଆଯାଇଥିଲା । ସେମାନଙ୍କର ଏହି ଅନଧିକୃତ ଉପସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କନ୍ଧମାଳ ପୋଲିସ ହସ୍ପିଟାଲର ପୂର୍ବତନ ମେଡିକାଲ ଅଫିସର ଡାକ୍ତର ବିଚକ୍ଷଣା ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି । ଡାକ୍ତର ପାଣିଗ୍ରାହୀ ୨୦୧୨ ପରଠାରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିଛନ୍ତି । ବିଭାଗ ପକ୍ଷରୁ ତାଙ୍କୁ ବିଭିନ୍ନ ସମୟରେ ଅନୁପସ୍ଥିତିର କାରଣ ଦର୍ଶାଇବା ଏବଂ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ, ସେ ତାହାର ଅନୁପାଳନ କରିନଥିଲେ । ରୋଗୀ ସେବାରେ ତାଙ୍କର ଏହି ଅନାଗ୍ରହ ଯୋଗୁ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ନୂଆ ନୂଆ ଡାକ୍ତରଖାନା ଖୋଲୁଛନ୍ତି, ଡାକ୍ତରଖାନା ଗୁଡିକର ଆଧୁନିକୀକରଣ କରାଯାଉଛି ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପାଇଁ ନୂଆ ନୂଆ ମେଡିକାଲ କଲେଜ ମଧ ଖୋଲାଯାଉଛି । ତଥାପି ନିଯୁକ୍ତି ପାଇବା ପରେ ଅନେକ ଡାକ୍ତର କାର୍ଯ୍ୟରେ ଯୋଗନଦେଇ ଅନୁପସ୍ଥିତ ରହୁଛନ୍ତି । ଏହାକୁ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଅଳ୍ପରେ ଖବର

» ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଅପରାହ୍ନରେ ରାଷ୍ଟ୍ରପତି ଓଡ଼ିଶାରେ ପହଂଚିବେ ।

» ବରିଷ୍ଠ ଆଇପିଏସ୍ ଅଧିକାରୀ ଦୟାଳ ଗଙ୍ଗୱାର ନିଲମ୍ବିତ ହୋଇଛନ୍ତି । ତାଙ୍କୁ ନିଲମ୍ବନ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।

» ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାରେ ଜୁନ୍ ୧୯ରୁ ୨୫ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ୍ ଖୋଲିବାକୁ ନିଷ୍ପତି ହୋଇଛି । ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ ସକାଳ ସାଢ଼େ ୬ରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲିବ ।

» ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁବାର ଦିନ ଖରାଛୁଟି ପରେ ସ୍କୁଲ ଖୋଲିବା ଅବସରରେ ଉମରକୋଟର ଭାଲୁଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମନ୍ତ୍ରୀ ଲେଖିଛନ୍ତି ଖରାଛୁଟି ପରେ ଆଜିଠାରୁ ପୁଣି ଖୋଲିଛି ସ୍କୁଲ ।

### ଆଧ୍ୟାତ୍ମିକତା ଓ ଲୋକ ସଂସ୍କୃତିର ବିରଳ ସମାହାର ଶୀତଳ ଷଷ୍ଠୀ

## ହର-ପାର୍ବତୀଙ୍କ ବିବାହ ଉତ୍ସବ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର/ସମ୍ବଲପୁର : 'ପବିତ୍ର ଶୀତଳ ଷଷ୍ଠୀ'ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିଡିଓ ବାର୍ତ୍ତା । ଓଡ଼ିଶାର ଗୌରବମୟ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ବ ଅବସରରେ ସମଗ୍ର ଓଡ଼ିଶାବାସୀ, ବିଶେଷ କରି ସମ୍ବଲପୁରର ଗୁରୁଜନ, ମା', ଭଉଣୀ ଓ ଭାଇମାନଙ୍କୁ ଭିଡିଓ ବାର୍ତ୍ତା ଯୋଗେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆମ ଓଡ଼ିଆ ଜାତିର ସଂସ୍କୃତି ହେଉଛି ଭାବ ଏବଂ ଭକ୍ତିର ସଂସ୍କୃତି । ଏଠାରେ ପ୍ରତିଟି ପରମ୍ପରା ପଛରେ ସମାଜ ମଙ୍ଗଳର ଏକ ମହାନ୍ ବାର୍ତ୍ତା ଲୁଚି ରହିଥାଏ । ଯେତେବେଳେ ପ୍ରଚଣ୍ଡ ଖରାରେ ଧରିତ୍ରୀ ଆକୁଳ ହୋଇଉଠେ, ସେତେବେଳେ ସଂସାରକୁ ସୁଖ ଓ ଶୀତଳତା ପ୍ରଦାନ କରିବାକୁ ପ୍ରଭୁ ଶିବ ନିଜେ ଆଗେଇ ଆସନ୍ତି । ସେପରି ଏକ ଅନନ୍ୟ ଆଧ୍ୟାତ୍ମିକ ଓ ସାମାଜିକ ପରମ୍ପରା ହେଉଛି 'ପବିତ୍ର ଶୀତଳ ଷଷ୍ଠୀ' । ସେ ଏହି ପର୍ବର ବୈଶିଷ୍ଟ୍ୟ



ଉପରେ ଆଲୋକପାତ କରି କହିଛନ୍ତି ଯେ, ଶୀତଳ ଷଷ୍ଠୀର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଉଛି ଏହାର 'ମାନବୀୟ ଲୀଳା' । ଯେଉଁଠି ସ୍ୱୟଂ ଭଗବାନ ଜଣେ ସାଧାରଣ ମଣିଷ ଭଳି ବରଯାତ୍ରୀ ନେଇ କନ୍ୟାପିତାଙ୍କ ଦୁଆରକୁ ଯାଆନ୍ତି । ଏହି ଉତ୍ସବରେ ଜଣେ ସାଧାରଣ ମଣିଷ ଭଗବାନଙ୍କ ଉପରେ ନିଜର ଅଧିକାର ଜାହିର୍ କରେ ଏବଂ ପ୍ରଭୁ ମଧ ଭକ୍ତର ଗୁହାରି ଶୁଣି ତା'ର ସୁଖ-ଦୁଃଖରେ ସାମିଲ ହୁଅନ୍ତି । ଏହି ପବିତ୍ର ଅବସରରେ ସମଗ୍ର ସମାଜ ସବୁ ଭେଦଭାବ ଭୁଲି ଏକାଠି ହୋଇଥାଏ, ଯାହା ଆମର ପାରିବାରିକ ଓ ସାମାଜିକ ସଂସ୍କାରକୁ ଯୁଗ ଯୁଗ ଧରି ମଜବୁତ କରି ରଖିଛି । ସେ ଆହୁରି ମଧ କହିଛନ୍ତି, ଶୀତଳ ଷଷ୍ଠୀ କେବଳ ଏକ ପର୍ବ ନୁହେଁ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା ଏବଂ ଭାବମୟ ପରିଚୟ । ଏହା ଆଧ୍ୟାତ୍ମିକତା, ଧର୍ମଧାରା ଓ ଲୋକ ସଂସ୍କୃତିର ବିରଳ ସମାହାର । 'ଥାଳ ଉଠା', 'ପତର ପେଣ୍ଡି', 'ଗୁଆ ଗୁଣା', 'ଦେବ ନିମନ୍ତ୍ରଣ', 'ଦେବ ବିବାହ' ଏବଂ 'ନଗର ପରିକ୍ରମା' ଭଳି ପ୍ରତ୍ୟେକଟି ପାରମ୍ପରିକ ରୀତିନୀତି ଏହି ପର୍ବକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ମାତା ପାର୍ବତୀ ଓ ପ୍ରଭୁ ଶିବଙ୍କର ଏହି ବିବାହ ପଛରେ ସମଗ୍ର ଜଗତର କଲ୍ୟାଣ ଚେତନା ରହିଛି । ଶୀତଳ ଷଷ୍ଠୀ ଆମ ଭାରତବର୍ଷର 'ଇନଟାଞ୍ଜିବୁଲ୍ କଲଚୁରାଲ ହେରିଟେଜ'ର ଏକ ଭବ୍ୟ ରୂପ, ଯେଉଁଠି ବିଭିନ୍ନ ଲୋକକଳା, ସାଂସ୍କୃତିକ ବାଦ୍ୟ, ପାରମ୍ପରିକ ନୃତ୍ୟ ଏବଂ ଲୋକଗୀତର ଏକ ଅପୂର୍ବ ମହାସଙ୍ଗମ ଦେଖିବାକୁ ମିଳେ । ଭାରତ ସରକାର ଏହି ଅନନ୍ୟ ଲୋକ ସଂସ୍କୃତିକୁ ସମ୍ମାନ ଜଣାଇ ଏକ ସ୍ମାରକୀ ଡାକ ଟିକେଟ୍ ପ୍ରଚଳନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି ।

## ଓଏନଡିସି ସଦସ୍ୟଙ୍କ ବୈଠକରେ ଅଧକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ଓପନ ନେଟୱର୍କ ଫର ଡିଜିଟାଲ କମର୍ସ (ଓଏନଡିସି) ଟିମର ସଦସ୍ୟମାନେ ଆଜି ଓଡିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ , କୃଷକ ଉତ୍ପାଦନ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ପାରମ୍ପରିକ ହସ୍ତଶିଳ୍ପୀ କାରିଗର ଏବଂ ଅନ୍ୟାନ୍ୟ ବିକ୍ରେତା ସମୁଦାୟମାନଙ୍କ ମଧ୍ୟରେ ଇ-କମର୍ସ ସକ୍ରିୟତା ବୃଦ୍ଧି କରିବା ସମ୍ପର୍କରେ ଉପସ୍ଥାପନ କରିଥିଲେ । ଓଏନଡିସି ହେଉଛି ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନସ୍ଥ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ଏକ ଅଗ୍ରଣୀ ପଦକ୍ଷେପ । ଏହାର ଉଦ୍ଦେଶ୍ୟ ହେଉଛି ଏକ ଖୋଲା ଓ ପରସ୍ପର ସଂଯୋଗଯୋଗ୍ୟ ଡିଜିଟାଲ୍ ନେଟୱର୍କ ମାଧ୍ୟମରେ ଡିଜିଟାଲ୍ ବାଣିଜ୍ୟକୁ ସର୍ବସାଧାରଣଙ୍କ ପାଇଁ ସୁଲଭ ଓ ଅନ୍ତର୍ଭୁକ୍ତିମୂଳକ କରିବା, ଯାହା ପଣ୍ୟ ଓ ସେବା କ୍ଷେତ୍ରରେ ନିରବିଚ୍ଛିନ୍ନ ଡିଜିଟାଲ୍ କାରବାରକୁ ସୁନିଶ୍ଚିତ କରେ । ବର୍ତ୍ତମାନ ଓଏନଡିସି ନେଟୱର୍କ ମାଧ୍ୟମରେ ଖୁଚୁରା ବ୍ୟବସାୟ, ଲଜିଷ୍ଟିକ୍ସ, ଆର୍ଥିକ ସେବା, ପରିବହନ ଓ ଭ୍ରମଣ ଆଦି କ୍ଷେତ୍ରରେ ପ୍ରତି ମାସରେ ପ୍ରାୟ ୨ କୋଟି ଡିଜିଟାଲ୍ କାରବାର ସମ୍ପନ୍ନ ହେଉଛି ଏବଂ ଏହା ବର୍ତ୍ତମାନ ଭାରତ ସରକାରଙ୍କ ୧୦ରୁ ଅଧିକ କେନ୍ଦ୍ରୀୟ ମନ୍ତ୍ରଣାଳୟର ବିଭିନ୍ନ କ୍ଷେତ୍ର ସହ ସକ୍ରିୟ ଭାବେ ସହଯୋଗ କରୁଛି । ଓଏନଡିସି ପକ୍ଷରୁ ଉପସ୍ଥାପନା ଅନୁସାରେ ଏହି ପ୍ଲାଟଫର୍ମ ମାଧ୍ୟମରେ ଓଡ଼ିଶାରେ କୋଣାର୍କ, ପୁରୀ, ଚିଲିକା, ସିମିଳିପାଳ, ଭିତରକନିକା, ଇକୋ-ଟୁରିଜମ୍ ଓ ଜନଜାତି ସଂସ୍କୃତି ସମେତ ଓଡ଼ିଶାର ପର୍ଯ୍ୟଟନ ସମ୍ପଦକୁ ବିଶ୍ୱସ୍ତରୀୟ ଡିଜିଟାଲ୍ ପ୍ଲାଟଫର୍ମରେ ଅଧିକ ପ୍ରଚାର ମିଳିବ । ଏହାଦ୍ୱାରା ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ, ପର୍ଯ୍ୟଟନ ଆୟ ଏବଂ ସ୍ଥାନୀୟ ରୋଜଗାର ସୁଯୋଗ ବୃଦ୍ଧି ପାଇବ ।

## ଏବର୍ଷ ଛପା ହେବନି ନୂଆ ବହି

### ଶିକ୍ଷକ ମାନେ ସଂଶୋଧନ କରି ପଢ଼ାଇବେ : ଏସସିଇଆରଟି ନିର୍ଦ୍ଦେଶିକା



ଭୁବନେଶ୍ୱର : ପ୍ରଥମରୁ ୮ମ ଶ୍ରେଣୀ ପାଠ୍ୟ ପୁସ୍ତକରେ ତ୍ରୁଟି ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ଏସସିଇଆରଟି ର ନିର୍ଦ୍ଦେଶିକା ମଧୁସ୍ମିତା ସାହୁ । ସେ କହିଛନ୍ତି ଯେ ଏବର୍ଷ ଆଉ ନୂଆ ବହି ଛପା ଯିବନି । ଶିକ୍ଷକ ମାନେ ସଂପୃକ୍ତ ପୁସ୍ତକକୁ ସଂଶୋଧନ କରି ପଢାଇବେ । ଆଗାମୀ ବର୍ଷ ସଂଶୋଧିତ ବହି ପ୍ରକାଶ କରି ପିଲାଙ୍କୁ ଦିଆଯିବ । ଆସନ୍ତା ବର୍ଷକୁ ଭୁଲ ହେବନି । ଏଥର ଭୁଲ ହୋଇଯାଇଛି, ଡିଇଓମାନଙ୍କୁ ଚିଠି ମାଧ୍ୟମରେ ଜଣାଇ ସାରିଛୁ । ଛୋଟ ପିଲାଙ୍କ ବହିରେ ଶିକ୍ଷକମାନଙ୍କୁ ସଂଶୋଧନ କରିବାକୁ କୁହାଯାଇଛି । ବଡ଼ ପିଲା ଶିକ୍ଷକଙ୍କ ସାହାଯ୍ୟରେ ବହିରେ ନିଜେ ତ୍ରୁଟି ସଂଶୋଧନ କରିବେ । ୨୦୨୭-୨୮ ଶିକ୍ଷା ବର୍ଷରୁ ନୂଆ ବହି ଛପା ହେଲେ ଆଉ ଭୁଲ ରହିବନି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଉନ୍ନୟନ କମିଶନର ଦେଓ ରଞ୍ଜନ ସିଂହ । ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ରହିଛି ।

## ଅଠରନଳାରୁ ବଡ଼ଦାଣ୍ଡ ଗୋଟିଏ ରଙ୍ଗରେ ଝଲସିବ ସବୁ କୋଠା

ପୁରୀ: ଆରମ୍ଭ ହୋଇଛି ବଡ଼ଦାଣ୍ଡ କୋଠାର ଐତିହ୍ୟ ଲୁକ୍ ପ୍ରକ୍ରିୟାକରଣ । ସବୁ କୋଠା ଫିକା ଗୋଲାପୀ ରଙ୍ଗର କରାଯିବା ପାଇଁ ରଙ୍ଗ କାମ ଆରମ୍ଭ ହୋଇଛି । ଅଠରନଳାରୁ ବଡ଼ଦାଣ୍ଡ, ଗୋଟିଏ ରଙ୍ଗରେ ଝଲସିବ ସବୁ କୋଠା । ବଡ଼ଦାଣ୍ଡ ସମେତ, ମୁଖ୍ୟ ରାସ୍ତାର ସମସ୍ତ କୋଠାକୁ ସମାନ ରଙ୍ଗରେ ଉପସ୍ଥାପିତ କରାଯିବ । ବଡ଼ଦାଣ୍ଡ କୋଠାଗୁଡ଼ିକ ସହ ମେଡିକାଲ ଛକରୁ ଅଠରନଳା ରାସ୍ତାର କୋଠା ସମୂହ ଗୋଟିଏ ରଙ୍ଗରେ ଶୋଭା ପାଇବ । ସରକାର ଏଥିପାଇଁ ପ୍ରାୟ ୨ କୋଟି ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ । ଏନେଇ ୩ଟି ରଙ୍ଗ ଜିଲ୍ଲା ପ୍ରଶାସନ ଚୟନ କରି ରାଜ୍ୟ ସରକାରଙ୍କୁ ପଠାଇଥିବା ବେଳେ ପୂର୍ବରୁ ଥିବା ଫିକା ଗୋଲାପୀ ରଙ୍ଗକୁ ହିଁ ଚୟନ କରାଯାଇଛି । ସରକାରଙ୍କ ସମ୍ମତିରେ ବଡ଼ଦାଣ୍ଡ ଓ ଅଠରନଳା-ମେଡିକାଲ ଛକ କୋଠାଗୁଡ଼ିକର ରଙ୍ଗ ବଦଳିବ । ଐତିହ୍ୟ ନଗରୀର ପ୍ରବେଶ ଦ୍ୱାର ରୁ ହିଁ ଭକ୍ତ ପାଇବେ ନୂଆ ଅନୁଭୂତି । ଦୁଇ ପାର୍ଶ୍ୱରେ ଗୋଟିଏ ରଙ୍ଗ ହୋଇ




ହେରିଟେଜ ଲୁକ ଦେବ ନୂଆ ଆକର୍ଷଣ । ଶତାବ୍ଦୀ ପୁରୁଣା ଐତିହ୍ୟ ସହରର ଗାରିମା, ଭବ୍ୟତା ଓ ସୌନ୍ଦର୍ଯ୍ୟତା ସହ ଐକ୍ୟ ବୋଧ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଏକ ନୂଆ ଅନୁଭବ ଆଣିଦେବ । ଏହାପୂର୍ବରୁ ୨୦୧୫ ନବକଳେବର ପୂର୍ବରୁ ମଧ କୋଠାଗୁଡ଼ିକୁ ଫିକା ହଳଦିଆ ରଙ୍ଗ କରାଯାଇଥିଲା । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ପୂର୍ବରୁ ମଧ ସମସ୍ତ କୋଠାକୁ ଫିକା ଗୋଲାପୀ ରଙ୍ଗ କରାଯାଇଥିବା ବେଳେ ଏହା କେବଳ ବଡ଼ଦାଣ୍ଡ ରେ ସୀମିତ ଥିଲା । ଏବେ ପୁରୀର ପ୍ରବେଶ ପଥରୁ ହିଁ ଭକ୍ତ ଭବ୍ୟ ଓ ଦିବ୍ୟ ଅନୁଭବ ପାଇବେ । ଇତିମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପରେ ୟୁନିଫର୍ମ କଲର କୋଡ୍ ଭିତିରେ ସମସ୍ତ କୋଠା ରଙ୍ଗ କରିବାକୁ ଆରମ୍ଭ ହୋଇଛି ପ୍ରକ୍ରିୟା । ଏଥିପାଇଁ ସମ୍ପ୍ରତି ବଡ଼ଦାଣ୍ଡରେ ଲାଗିଥିବା ଫିକା ଗୋଲାପି ରଙ୍ଗ ସହ ଆଉ ଦୁଇଟି ରଙ୍ଗ ଚୟନ କରି ସରକାରଙ୍କୁ ପଠାଯାଇଥିଲା । ତେବେ ଦୁଇ ପାର୍ଶ୍ୱ ରାସ୍ତାରେ ଥିବା ସାଇନ ବୋର୍ଡରେ ଅନ୍ୟ ରଙ୍ଗ ବ୍ୟବହୃତ ହୋଇ, ଐତିହ୍ୟ ନଗରୀର ଗାରିମା ହ୍ରାସ ହେଉଥିବା ବେଳେ ଜିଲ୍ଲାପାଳ ଏଭଳି ସାଇନ୍ ବୋର୍ଡ ସବୁକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ୟୁନିଭର୍ସାଲ କଲର୍ କୋଡ୍‌କୁ ସ୍ୱାଗତ କରିଛନ୍ତି ବୁଦ୍ଧିଜୀବୀ ଓ ସହରବାସୀ । ପିକେଡିଏ ପକ୍ଷରୁ ପୁରୁଷୋତମ ଭକ୍ତ ନିବାସ କୋଠା, ପୁରୁଣା ଜେଲ୍ ରୋଡ ବହୁତଳ ପାର୍କିଂ କୋଠା, ମେଡିକାଲ୍ ପାଚେରି, କୁମ୍ଭାରପଡ଼ା ଥାନା, ୱାଟକୋ କୋଠା ଆଦି ସୁସଜ୍ଜିତ କରାଯିବାକୁ ଯୋଜନା ରହିଛି । ଅନ୍ୟ ଘରୋଇ କୋଠାଗୁଡ଼ିକର ମାଲିକ ମଧ ଏହି ୟୁନିଫର୍ମ କଲର କୋଡକୁ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଜିଲ୍ଲାସ୍ତରୀୟ ମକ ଡ୍ରିଲ ନିମନ୍ତେ ଟେବୁଲ ଟପ୍ ଏକ୍ସରସାଇଜ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଂଟିଆ (ସାଧାରଣ) ଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ ଘଟିକାରେ ଟେବୁଲ ଟପ ଏକସରସାଇଜ ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିଓମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୈଠକ ରେ ବାଲେଶ୍ୱର ସଦର ବ୍ଲକ ଓ ବାଲେଶ୍ୱର ପୌରପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ଓ ସମ୍ଭାବ୍ୟ ବନ୍ୟା, ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପକୂଳବର୍ତ୍ତି ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟା ପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ଜୁନ ୧୯ ତାରିଖରେ ଏକ ମକଡ୍ରିଲ ଲାଗି ଆଜିର ବୈଠକରେ ନିଷ୍ପତି ନିଆଯାଇଛି । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟ କୁ ସାକାର କରିବା ପାଇଁ ପ୍ରସ୍ତୁତି କୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା ।ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହେବ । ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ । ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ ସ୍ଥାନୀୟ ବି.ଡି.ଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ମାନେ ଅବଗତ କରାଇବେ । ଏହି କାଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟବେକ୍ଷକ ଶ୍ରୀ ଆରଣ୍ୟକ ମିଶ୍ର, ଜିଲ୍ଲା ମୁଖ୍ୟ ଚିକତ୍ସା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନ.ଡି.ଆର.ଏଫ ,ଓ.ଡ୍ରା.ଫ ବାହିନୀ, ସ୍ୱେଚ୍ଛାସେବି ସଂଗଠନ, ଆପଦ ମିତ୍ର ସ୍ୱେଚ୍ଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଶ୍ରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏବଂ ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲେଶ୍ୱରରେ ବିକଟାଳ ଶବ୍ଦ କରୁଥିବା ବୁଲେଟ୍ ବିରୋଧରେ ପୁଲିସର କଡ଼ା ଅଭିଯାନ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସହରରେ ଦିନକୁ ଦିନ ବଢ଼ୁଥିବା ଶବ୍ଦ ପ୍ରଦୂଷଣକୁ ରୋକିବା ଏବଂ ସହରବାସୀଙ୍କୁ ଶାନ୍ତିପୂର୍ଣ୍ଣ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ କଡ଼ା ଅଭିଯାନ ଆରମ୍ଭ କରାଯାଇଛି । ବିଶେଷକରି ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ବୁଲେଟ୍ ଓ ଅନ୍ୟାନ୍ୟ ମୋଟରସାଇକେଲ ବିରୋଧରେ ସହଦେବଖୁଂଟା ପୁଲିସ, ଟ୍ରାଫିକ ପୁଲିସ ଏବଂ ବାଲେଶ୍ୱର ଆରଟିଓ ବିଭାଗ ମିଳିତ ଭାବେ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ଯାଂଚ ଅଭିଯାନ ଚଳାଇଛନ୍ତି । ଯାଂଚ ବେଳେ କେତେକ ଯୁବକ ପୁଲିସକୁ ଚକମା ଦେଇ ଖସିଯାଉଥିବା ଦେଖି ସହଦେବଖୁଂଟା ଥାନା ଅଧିକାରୀ ଆଲୋକ କୁମାର ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସାଧା ପୋଷାକରେ ସହରର ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଚଢ଼ାଉ କରିଥିଲେ । ଏହି ଅଭିଯାନରେ ୨୦ରୁ ଅଧିକ ବିକଟାଳ ଶବ୍ଦ କରୁଥିବା ବୁଲେଟ୍ ମୋଟରସାଇକେଲକୁ ଜବତ କରାଯାଇଥିଲା ।



ଜବତ ହୋଇଥିବା ଗାଡ଼ିଗୁଡ଼ିକରେ ବେଆଇନ ଭାବେ ଲଗାଯାଇଥିବା ଆଫ୍ଟର ମାର୍କେଟ୍ ସାଇଲେନ୍ସର ତୁରନ୍ତ ଖୋଲି ଦିଆଯାଇଥିଲା । ସେହିସହିତ ସମ୍ପୃକ୍ତ ଚାଳକମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଥିଲା । ନିୟମ ଅନୁଯାୟୀ ମାନକ ସାଇଲେନ୍ସର ଲଗାଇବା ପରେ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି ।ସୂଚନା ଅନୁସାରେ, ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ବାଲେଶ୍ୱର ଏସ୍ ?ପି ପ୍ରତ୍ୟୁଷ ଦିଵ୍ୱାକରଙ୍କ ତତ୍ତ୍ୱାବଧାନରେ ସହରରେ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ବାଇକ୍ ଆରୋହୀଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ଏବଂ ବେଆଇନ ଆଫ୍ଟର ମାର୍କେଟ୍ ସାଇଲେନ୍ସର ବ୍ୟବହାର କରୁଥିବା ବାଇକ୍ ?ଗୁଡ଼ିକୁ ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।ପୁଲିସ ସୂତ୍ରରୁ ପ୍ରକାଶ ଯେ, ଏପର୍ଯ୍ୟନ୍ତ ୩୦ରୁ ଅଧିକ ମୋଟରସାଇକେଲରୁ ବେଆଇନ ସାଇଲେନ୍ସର ଖୋଲାଯାଇଛି । ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ସହରରେ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ସହ ନାଗରିକଙ୍କୁ ସୁସ୍ଥ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ଏହି ବିଶେଷ ଅଭିଯାନ ନିୟମିତ ଭାବେ ଜାରି ରହିବ ବୋଲି ପୁଲିସ ପ୍ରଶାସନ ସ୍ପଷ୍ଟ କରିଛି ।

# ଚନ୍ଦ୍ରାତ୍ ଆଖଡ଼ା ଶେଷ : ମହରମ ୨୬ରେ

## ଶୋଭାଯାତ୍ରାରେ ୧୪ ଆଖଡ଼ା, ୬ ତାଜିଆ

ବାଲେଶ୍ୱର,(ନି.ପ୍ର.) ବାଲେଶ୍ୱରରେ ମହରମ୍ ପର୍ବ ସଂଖ୍ୟାଲଘୁ ପରିବାରର ଏକ ବଡ଼ପର୍ବ ଅଟେ । ଏକମାସ ଧରି ରୋଜା ରଖିବା ପରେ ଜହ୍ନ ଦେଖିବା, ପରେ ହିଁ ଆରମ୍ଭ ହୋଇଥାଏ ମହରମ ପର୍ବର ସଜବାଜ । ଗତ ୧୭ ତାରିଖ ଦିନ ବିଭିନ୍ନ ସାହିବସ୍ତିରୁ ପ୍ରଥମେ ଚନ୍ଦ୍ରାତ୍ ଆଖଡ଼ାର କର୍ମକର୍ତା ଶୋଭାଯାତ୍ରାରେ ଆସି ଦରଘା ପଡ଼ିଆରେ ପ୍ରଥମେ ମେଳନରେ ସାମିଲ ହୋଇଥିଲେ । ପରେ ସେମାନେ ନିଜର ଆଖଡ଼ା ଖେଳ ପ୍ରଦର୍ଶନ କରି ପୁନଃ ସାହିବସ୍ତିକୁ ଫେରିଯାଇଥିଲେ । ଆସନ୍ତା ୨୧ ତାରିଖ କେଲାକାଟି, ୨୨ ତାରିଖରେ ଅଉଲିଆ ମାତମ, ୨୩ରେ ଦୁପରିଆ ମାତମ୍, ୨୪ରେ ଗୁମ୍ ଆଖଡ଼ା, ୨୫ରେ କତଲ୍ ଏବଂ ୨୬ରେ ଅଲବିଦା ମହରମ, ତାଜିଆ ଉତ୍ସବ । ଚଳିତ ବର୍ଷ ସୁନହଟ, ବାଲୁବଜାର, ପୁଲବଜାର, ପଠାଣମହଲା, କଂସେଇମହଲା, କୁଂଜଡ଼ା ଆଖଡ଼ା, ସୁଏଲପୁର, ଖଲାସିମହଲା, ମାଣିଖମ୍ଭ, ଖପରାପଦା, କଂଟାବଣିଆ, ଅଡ଼ରବଜାର, ଆଜିମାବାଦ ପ୍ରମୁଖ ଆଖଡ଼ାଦଳ ସମେତ ୬ରୁ ଊର୍ଦ୍ଧ୍ୱ ତାଜିଆ ଆସନ୍ତା ମହରମପର୍ବ ଅଲବିଦାରେ ସାମିଲ ହେବେ ବୋଲି ଜଣାପଡ଼ିଛି । ମୁଖ୍ୟତଃ ଏହିପର୍ବକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ପାଇଁ ବାଲେଶ୍ୱରର ସଂଖ୍ୟାଲଘୁ ସମ୍ପ୍ରଦାୟର କର୍ମକର୍ତା, ଶାନ୍ତିକମିଟିର ସଦସ୍ୟମାନେ ଆସନ୍ତା ୧୯ ତାରିଖ ଅପରାହ୍ନ ୫ଟାରେ ଗାନ୍ଧିସ୍ମୃତିଭବନ ପରିସରରେ ସମ୍ମିଳିତ ହୋଇ ନିଷ୍ପତି ନେବେ । ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିଵ୍ୱାକର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାସ, ନିରଂଜନ ବେହେରା, ପ୍ରଜ୍ଞା ମହାନ୍ତି, ସିଟିଡିଏସପି



ତଥା ଏସଡିପିଓ ସୁଭ୍ରାଂଶୁ ନାୟକ, ଟାଉନଥାନା ଅଧିକାରୀ ବିଜୟ ଦାସ ଓ ସହଦେବଖୁଂଟା ଥାନାଧିକାରୀ ଆଲୋକ ବେହେରା, ସଦରଥାନା ଅଧିକାରୀ ବିଜୟ ମୁର୍ମୁଙ୍କ ସମେତ ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଅତିରିକ୍ତ ଜିଲ୍ଲାପାଳ ତପନ ଖୁଂଟିଆ, ହେମନ୍ତ ସିଂ, ଉପଜିଲ୍ଲାପାଳ ଶିବା ମାଲବ୍ୟ ଏବଂ ପୌରପାଳିକା କାର୍ଯନିର୍ବାହୀ ଅଧିକାରୀ ଓ ପୌରପାଳ ସବିତା ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣକରିବା ସଂଗେ ସଂଗେ ମହରମ ପର୍ବକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ଦିଗରେ ଆଇନଶୃଙ୍ଖଳା ପରିସ୍ଥିତି, ରାସ୍ତାଘାଟ, ପରିଷ୍କାର, ଉଜ୍ଜ୍ୱଳ ଆଲୋକ, ପାନୀୟଜଳ, ରାସ୍ତାର ଦୁଇଧାରରେ ଜମିରହୁଥିବା ଇଟା, ଚିପ୍ସ, ବାଲି ଇତ୍ୟାଦି ଉଠାଇବା ଦିଗରେ ସବିଶେଷ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

# ‘ମୁଁ କୁଲଡ଼ିହା କହୁଛି’ର ଦ୍ୱିତୀୟ ଅଧିବେଶନରେ ଯୋଗ ଦେଲେ କବି, ଲେଖକ, ଚିତ୍ରଶିଳ୍ପୀ, ସମାଜସେବୀ, ପରିବେଶବିତ୍ ଓ ପ୍ରକୃତିପ୍ରେମୀ

ବାଲେଶ୍ୱର,(ନି.ପ୍ର.)ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ କୁଲଡିହା ଅଭୟାରଣ୍ୟର ପ୍ରାକୃତିକ, ସାଂସ୍କୃତିକ, ସାମାଜିକ ଓ ଭୌଗୋଳିକ ସୁରକ୍ଷା ଓ ବିକାଶ ପାଇଁ ଆରମ୍ଭ ହୋଇଥିବା ’ମୁଁ କୁଲଡ଼ିହା କହୁଛି’ ଅଭିଯାନର ଦ୍ୱିତୀୟ ଅଧିବେଶନ ଔପଦା ସ୍ଥିତ ପାଇକପଡା ଗ୍ରାମର ସୃଜନୀ ଶିକ୍ଷା ନିକେତନ ଓ ମୁକ୍ତି ସାହିତ୍ୟ ସଂସଦର ମିଳିତ ଆନକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ନିରଞ୍ଜନ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ବିଶିଷ୍ଟ ଆଇନଜ୍ଞ ତଥା କୁଲଡ଼ିହା ଗବେଷକ କୃଷ୍ଣଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ, କୁଲଡ଼ିହା ସୁସ୍ଥ ରହିଲେ ଅବିଭକ୍ତ ବାଲେଶ୍ୱର



ଜିଲ୍ଲା ସୁସ୍ଥ ରହିବ । ଏଣୁ ଏହାକୁ ସୁସ୍ଥ ରଖିବା ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ କର୍ତବ୍ୟ ଓ ଅଧିକାର ବିଷୟରେ ଜାଣି ଲଢିବାର ଆବଶ୍ୟକତା ରହିଛି । ସମଗ୍ର ବାଲେଶ୍ୱର ଜିଲ୍ଲା ଏଥି ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ’ମୁଁ କୁଲଡ଼ିହା କହୁଛି’ର ଆବାହକ ଶିଳ୍ପୀ କେଶୁ ଦାସ ଏଥିରେ ପ୍ରାକ୍ ସୂଚନା ପ୍ରଦାନ କରି କୁଲଡ଼ିହା ସମଗ୍ର ମାନବ ଜାତି ପାଇଁ କୁଳର ଡିହ । ଏହାର ସୁରକ୍ଷା ଓ ବିକାଶ କରିବା ପାଇଁ ହେଲେ ସମସ୍ତେ ନିଜକୁ କୁଲଡ଼ିହା ମନେ କରି କାର୍ଯ୍ୟ କହିବାର ଅଛି ବୋଲି ସେ ପରାମର୍ଶ ଦେଇଥିଲେ । ଅନ୍ୟତମ ବକ୍ତା ଭାବେ ସୃଜନୀ ଶିକ୍ଷା ନିକେତନର ମୁଖ୍ୟ ତଥା ସମାଜସେବୀ ଜଗଦୀଶ ନାୟକ କୁଲଡ଼ିହାର ଲୋକକଥା ତଥା ଜୀବନ ଜୀବିକା ବିଷୟରେ ଆଲୋକପାତ କରିଥିବା ବେଳେ ବିଶ୍ୱରଞ୍ଜନ ମହାପାତ୍ର କୁଲଡ଼ିହାର ଜୈବ ବିବିଧତା ଉପରେ ବିଶଦ ବର୍ଣ୍ଣନା କରିଥିଲେ ।ଏହି ଅବସରରେ ଦିବ୍ୟ ପ୍ରକାଶ ପରିଡ଼ା, ପର୍ଣ୍ଣିକା ରାଉତ, ମନୋଜ ଦାସ ଓ ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ସୁନ୍ଦର କବିତା ପାଠ କରିଥିଲେ । ଚିତ୍ରଶିଳ୍ପୀ ସ୍ୱର୍ଗତ ଅଶୋକ କୁମାର ଷଣ୍ଢଙ୍କ ଦ୍ୱାରା ଅଙ୍କିତ କୁଲଡ଼ିହା ଆଧାରିତ ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ବେହେରା, ମାୟାଧର ତ୍ରିପାଠୀ, ଅନ୍ତର୍ଯ୍ୟାମୀ ନାୟକ, ନରହରି ନାୟକ, ପ୍ରଫୁଲ୍ଲ କୁମାର ସାହୁ, ଚିତରଞ୍ଜନ ବେହେରା, ବର୍ଷା ପାଣିଗ୍ରାହୀ, ସନାତନ ସାହୁ, ଦିବ୍ୟ ପ୍ରକାଶ ପଣ୍ଡା, ଜଗନ୍ନାଥ ରାଉତ, ଧରିତ୍ରୀ ପଣ୍ଡା, ରାଧାନାଥ ନାୟକ, ନରେନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଯୋଗ ଦେଇଥିବା ବେଳେ ଶେଷରେ ଘନଶ୍ୟାମ ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.)ଆଜି ଭୋଇ ସାହି ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଜିଲ୍ଲା ବିଜେପି ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ରେ କେନ୍ଦ୍ର ସରକାରଙ୍କ ୧୨ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷର ସଫଳତା କିପରି ପଂଚାୟତ ଓ ବୁଥ୍ ସ୍ତରରେ ଜନ ସାଧାରଣଙ୍କ ନିକଟରେ ପହଂଚିବ ସେ ବିଷୟରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା ଆଲୋଚନା କରିଥିଲେ ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱରଜିଲ୍ଲା ର ମୋଟ ୩୩ ଟି ମଣ୍ଡଳ ର ପ୍ରଭାରୀ ଙ୍କ ସହ ଜିଲ୍ଲା ବିଜେପିର ସଧାରଣ ସମ୍ପାଦକ ତଥା ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସୋରୋ ବିଧାନ ସଭା ପ୍ରଭାରି ଚନ୍ଦ୍ର ଶେଖର ନନ୍ଦ, ଜିଲ୍ଲା ସଂପାଦକ ତଥା ସିମୁଳିଆ ବିଧାନ ସଭା ପ୍ରଭାରି ରାଜେଶ୍ ମହାପାତ୍ର,ରେମୁଣା ପ୍ରଭାରୀ ତଥା ଜିଲ୍ଲା ସଂପାଦକ ଚିତରଞ୍ଜନ ପଣ୍ଡା, ସଦର ବିଧାନ ସଭା ପ୍ରଭାରି ତଥା ଜିଲ୍ଲା ବିଜେପି ଉପ ସଭାପତି ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଯଥାକ୍ରମେ ମନ୍ କି ବାତ୍, ବୁଥ ଓ ଶକ୍ତି କେନ୍ଦ୍ର ସ୍ତରୀୟ ବୈଠକ ଓ ଜୁନ ୨୧ ତାରିଖ ରେ ଥିବା ଯୋଗ ଦିବସ ସମ୍ବନ୍ଧୀୟ ଆଲୋଚନା କରିଥିଲେ , ବୈଠକ ପ୍ରାରମ୍ଭ ରେ ରାଷ୍ଟ୍ରିୟ ବନ୍ଦନା ଓ ଶେଷ ରେ ରାଷ୍ଟ୍ରିୟ ସଙ୍ଗୀତ ସାମୂହିକ ଭାବେ ଗାନ କରାଯାଇଥିଲା ।

## ୰ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭା ୨୦ରେ

ବାଲେଶ୍ୱର(ନି.ପ୍ର.) ଆସନ୍ତା ଶନିବାର ୨୦ତାରିଖ ସ୍ୱର୍ଗତ ସାମ୍ବାଦିକ ଦେବେନ୍ଦ୍ର ବାରିକଙ୍କ ସ୍ମୃତିଚାରଣ ସଭା ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ଦିବା ୧୦ଘଟିକା ସମୟରେ ଅନୁଷ୍ଠିତ ହେବ ।ଏଣୁ ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଅନୁରୋଧ ଏହି ସ୍ମୃତିଚାରଣ ସଭାରେ ଯୋଗଦେଇ ସ୍ମୃତିଚାରଣ କରିବା ହେବେ ।

# ଜିଲ୍ଲାସ୍ତରୀୟ ମକ୍‌ଡ୍ରିଲ ଆଜି



ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନ ୧୧ ଘଟିକାରେ ଟେବୁଲଟପ ଏକସରସାଇଜ ଏବଂ ମକ ଡ୍ରିଲ ନିମନ୍ତେ ପ୍ରସ୍ତୁତି ବୈଠକ ଅଡିଟୋରିଓମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ସମ୍ଭାବ୍ୟ ବନ୍ୟା, ବତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କିଭଳି ପୂର୍ବ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପକୂଳବର୍ତୀ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପୂର୍ବ ବର୍ଷ ଭଳି ଜିଲ୍ଲାର ବନ୍ୟା ଓ ବାତ୍ୟାପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ଜୁନ ୧୯ ତାରିଖରେ ଏକ ମକଡ୍ରିଲ ଲାଗି ଆଜିର ବୈଠକରେ ନିଷ୍ପତି ନିଆଯାଇଛି ।ଆଗାମୀ ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲା ସ୍ତରୀୟ ଏବଂ ଅପରାହ୍ନରେ ବ୍ଲକ ଏବଂ ପୌରାଂଚଳ ସ୍ତରରେ ଟେବୁଲଟପ ଏକସରସାଇଜ ୧୯ ତାରିଖରେ ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟ କୁ ସାକାର କରିବା ପାଇଁ ପ୍ରସ୍ତୁତି କୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା ।ଜିଲ୍ଲାର ବିଭିନ୍ନ ବ୍ଲକରେ ଅବସ୍ଥିତ ୧୪୪ ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଏବଂ ବନ୍ୟା ଆଶ୍ରୟସ୍ଥଳୀରେ ଏହି ମଳଡ୍ରିର ଅନୁଷ୍ଠିତ ହେବ । ସେହିପରି ରେଡକ୍ରସ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମଧ୍ୟ ଏହା ଅନୁଷ୍ଠିତ ହେବ । ମକଡ୍ରିଲ ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଅବସ୍ଥା, ସେଠାରେ ଥିବା ଯନ୍ତ୍ରପାତିଗୁଡିକୁ ପରୀକ୍ଷାନିରୀକ୍ଷା କରି ଆବଶ୍ୟକୀୟ ଜରୁରୀ ସରଞ୍ଜାମ ଠିକ ଅଛି କି ନାହିଁ, ସେ ବାବଦରେ . ସ୍ଥାନୀୟ ବି.ଡି.ଓ କିମ୍ବା ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ ଆଶ୍ରୟସ୍ଥଳୀ ସେକ୍ରେଟାରୀ ଓ ଅଗ୍ନିଶମ ଅଧିକାରୀ ଅବଗତ କରାଇବେ ।ବନ୍ୟା ଓ ବାତ୍ୟା ପରିସ୍ଥିତିରେ ପୀଡ଼ିତଙ୍କୁ ଉଦ୍ଧାର ଓ ଥଇଥାନ ନିମନ୍ତେ ଆଶ୍ରୟସ୍ଥଳୀ ଏବଂ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖିବା, ଶୁଖିଲା ଏବଂ ରନ୍ଧା ଖାଦ୍ୟ ବ୍ୟବସ୍ଥା, ଔଷଧ ମହଜୁଦ, ନଦୀବନ୍ଧ ଓ ଘାଇ ମରାମତି, ପାଇପ୍ ଦ୍ୱାରା ବିଶୋଧିତ ଜଳ ଯୋଗାଣ, ନଳକୂପ ବିଶୋଧନ, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଔଷଧ, ହେଲୋଜନ ବଟିକା, ଓଆରଏସ, ବ୍ଲିଚିଙ୍ଗ ପାଓ୍ୱଡର ,ପ୍ରାଣୀସମ୍ପଦର ସୁରକ୍ଷା ନିମନ୍ତେ ଟୀକା ଓ ଔଷଧ ସହ ପଦକ୍ଷେପ, ଦୁର୍ଗମ ଅଂଚଳରେ ଖାଦ୍ୟ ଶସ୍ୟ ମହଜୁଦ ରଖିବା ଆଦି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହି କାଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଂଟିଆ (ସାଧାରଣ), ଉପ ଜିଲ୍ଲାପାଳ, ନୀଳଗିରି, ଶ୍ରୀମତୀ ଶୁଭଶ୍ରୀ ରଥ, ଜିଲ୍ଲା ମୁଖ୍ୟ ଚିକତ୍ସା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ଜେନା, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନ.ଡି.ଆର.ଏଫ ,ଓ.ଡ୍ରା.ଫ ବାହିନୀ, ସ୍ୱେଚ୍ଛାସେବି ସଂଗଠନ, ଆପଦ ମିତ୍ର ସ୍ୱେଚ୍ଛାସେବି, ସିଭିଲ ଡ଼େଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଏବଂ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକର ସଭାପତି ଓ ସମ୍ପାଦକ ମାନେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଶ୍ରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



# ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ସ୍ତରୀୟ ଆଲୋଚନାଭିତିକ ଅଭ୍ୟାସ




ଖୋର୍ଦ୍ଧା(ନିପ୍ର): ଜିଲ୍ଲା ସଦର ମହକୁମା ସଦର ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ଆଲୋଚନା ଭିତିକ ଅଭ୍ୟାସ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ସାଧାରଣ ପରିଚାଳିକା (ଯୋଜନା ଏବଂ ପ୍ରଶାସନ) ଡ଼ଃ ସରିତା ଜେନା, ମଣ୍ଡଳ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଖୋର୍ଦ୍ଧା ପୌର ପରିଷଦ, ନିର୍ବାହୀ ଅଧିକାରୀ କାବେରୀ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ଅତ୍ୟାବଶ୍ୟକ ସେବା ବିଭାଗ, ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଗ ଦେଇଥିଲେ । ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ଶ୍ରୀ ପ୍ରଧାନ ବିଭିନ୍ନ ବିଭାଗର ପିପର୍ଯ୍ୟୟ ପୂର୍ବ, ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପରବର୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ଉପରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ମହାନ୍ତି ବିପର୍ଯ୍ୟୟ ସମୟରେ ରିଲିଫ୍ ବାଂଟିବା, ରିଲିଫ୍ ଗାଡ଼ି ରାସ୍ତାରେ ଚାଲିବା, କିରୋସିନ ପେଟ୍ରୋଲ ବଂଟନ ଆଦି ବିଭିନ୍ନ ଖାଉଟି ସେବା ଦିଗରେ ପୋଲିସ ପ୍ରଶାସନ ର ଆଇନଶୃଙ୍ଖଳା ଅତି ଆବଶ୍ୟକ ବୋଲି ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଉପଜିଲ୍ଲାପାଳ ଏବଂ ଉପଖଣ୍ଡ ମାଜିଷ୍ଟ୍ରେଟ, ଭୁବନେଶ୍ୱର କହିଲେ ବିପର୍ଯ୍ୟୟ ପରିଚାଳନା ସମୟରେ ବିପଦ ସଙ୍କୁଳ ସ୍ଥାନରେ ଥିବା ଜନସାଧାରଣଙ୍କୁ ସ୍ଥାନାନ୍ତରଣ, ଗୃହ ପାଳିତ ଗାଇଗୋରୁ ପଶୁ ପକ୍ଷୀ କୁ ସୁରକ୍ଷା ଦେବା ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ସମନ୍ୱୟ ରକ୍ଷା କରି ଉତମ ସେବା ଯୋଗାଇ ଦେବା ଆମ ସମସ୍ତଙ୍କ କର୍ତବ୍ୟ ଓ ଦାୟିତ୍ୱ ନିଷ୍ଠାପର ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସାଧାରଣ ପରିଚାଳିକା, ଡ଼ଃ ସରିତା ଜେନା କେଉଁ ବିଭାଗର କି କି ଦାୟିତ୍ୱ ନିର୍ବାହ କରିବାର ଅଛି ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଓ ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା, କାବେରୀ ମୁଦୁଲି ନିଜ ନିଜ କାର୍ଯ୍ୟାଳୟର ପ୍ରସ୍ତୁତି ସଂପର୍କରେ ଆଲୋକ ପାତ କରିଥିଲେ । ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଟି ପି ସି ଓ ଡି ଏଲ, ଓଡ୍ରାଫ, ଏନଡ୍ରାଫ, ଜିଲ୍ଲା ବେସରକାରୀ ଯୋଗାଣ ଅଧିକାରୀ, ଅଗ୍ନିଶମ ସେବା, ଜିଲ୍ଲା ସ୍ୱାସ୍ଥ୍ୟ ସେବା, ଜିଲ୍ଲା ସମାଜ ମଙ୍ଗଳ ସେବା, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ୱାଟକୋ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, କୃଷି ଓ ଉଦ୍ୟାନ କୃଷି, ଜିଲ୍ଲା ପଶୁ ଚିକିତ୍ସା ସେବା, ଜଳସେଚନ, ପ୍ରାଚିଖଣ୍ଡ ଜଳ ସେଚନ, ଜଳ ନିଷ୍କାସନ, ଭାରତ ସଂଚାର ନିଗମ ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ସେବା ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରି ଶୂନ୍ୟ ମୃତ୍ୟୁ ହାର ଆଖି ଆଗରେ ରଖି ନିଷ୍ଠାପର ଭାବେ ସେବା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ରଜ ସଂକ୍ରାନ୍ତି ଉପଲକ୍ଷେ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଂଟ



ଜଳେଶ୍ୱର(ନିପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଇବଣିଆ ମଣ୍ଡଳର ସର୍ଦ୍ଦାରବନ୍ଦ ଗ୍ରାମ ପଂଚାୟତର ବିଶ୍ୱନାଥପୁର ଗ୍ରାମରେ ରଜ ସଂକ୍ରାନ୍ତି ଉପଲକ୍ଷେ ଦୁଇ ଦିନଆ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଇବାଣିଆ ମଣ୍ଡଳର ଭାରତୀୟ ଜନତା ପାର୍ଟି ର ଯୁବ ମୋର୍ଚ୍ଚା ସଭାପତି ନିହାର ରଞ୍ଜନ ଦାସ, ସର୍ଦ୍ଦାରବନ୍ଧ ଗ୍ରାମପଂଚାୟତର ନାଇବ ସରପଂଚ ସୁକୁମାର ହାଁସଦା, ୱାର୍ଡ ମେମ୍ବର ମହେନ୍ଦ୍ର ମହାନ୍ତ, କମିଟି ମେମ୍ବର ସକିଲା ମୁର୍ମୁ, ଶିଲୁ ସୋରେନ, ରାଜୁ ସୋରେନ, ଶୁକୁଲ ସୋରେନ, ରାମ ସୋରେନ, କ୍ରିଷ୍ଣା ସୋରେନ, ରାଜେନ ସୋରେନ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଦଳକୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରିଥିଲେ ।

# ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପକ୍ଷ ରୁ ବିକାଶ ର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ, ଦ୍ୱିତୀୟ ଦିବସ ରେ କୃଷି ଓ ସଶକ୍ତ କୃଷକ ବିଭାଗ ର ଉପଲବ୍ଧି ନେଇ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଖଡ଼ିଆଳ ବିଡିଓ ମିଳନ କୁମାର ଝାଙ୍କର୍ ଅଧ୍ୟକ୍ଷତା କରିଥିବା ବେଳେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃଷି କୃଷକ ବିକାଶ ପାଇ ସରକାର ସଂକଳ୍ପ ବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ । ଅତ୍ୟାଧୁନିକ ଜୈବିକ ପ୍ରଣାଳୀ ଚାଷ କରିବା ଦ୍ୱାରା ଜମିର ଉର୍ବର ବଜାୟ ରହିବା ସହ ଅଧିକ ଉତ୍ପାଦନ ହେବ ବୋଲି ଆହ୍ୱାନ କରିଥିଲେ । ସଭାରେ ଜିଲ୍ଲାପରିଷଦ ମାଲ୍ୟବନ୍ତ ସୁନା, ଆତ୍ମା ଅଧ୍ୟକ୍ଷ ନବୀନ ନାଏକ, ସମାଜ ସେବୀ ଅଜିତ୍ କିଶୋର ଚଲାନ, ତିଖାଲି ଜଳ ସେଚନ ପ୍ରକଳ୍ପ ପାଣି ପଂଚାୟତ ଅଧ୍ୟକ୍ଷ ସୁଶାନ୍ତ କୁମାର ବିଶି, ପ୍ରମୁଖ ଯୋଗ ଦେଇଥିଲେ । କୃଷି, ସମନ୍ୱୟ ଶିଶୁ ଓ ମହିଳା ବିକାଶ ଯୋଜନା, ଶିକ୍ଷା, ଖାଦ୍ୟ ଯୋଗାଣ ,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭିନ୍ନ ବିଭାଗ ପକ୍ଷ ରୁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଅଛି । ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ଏହାର ସୁଫଳ ନେବାକୁ ଆହ୍ୱାନ କରିଥିଲେ ।

# ସାରସକ୍ଷେତ୍ରରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବାରିପଦା(ନିପ୍ର): ଉତର ଓଡ଼ିଶା ଉପାନ୍ତ ଅଂଚଳସ୍ଥିତ ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ର, ସାରସକଣା ଜିଲ୍ଲା ମୟୂରଭଞ୍ଜରେ ଜୁଲାଇ ୧୬ ତାରିଖ ଠାରୁ ୨୪ ତାରିଖ ୨୦୨୬ ପର୍ଯ୍ୟନ୍ତ ହେବାକୁଥିବା ରଥଯାତ୍ରା ଆୟୋଜନର ପ୍ରସ୍ତୁତି ବୈଠକ ଦେଉଳ ପରିସର କଲ୍ୟାଣ ମଣ୍ଡପ ଠାରେ ତା.୧୬.୬.୨୦୨୬ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ଦିର ପରିଚାଳନାର ମ୍ୟାନେଜିଂ ଟ୍ରଷ୍ଟି ପଦ୍ମନାଭ ସାହୁ ପୌରୋହିତ୍ୟ କରିଥିଲେ । କୋଷାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ ଗତ ଫେବୃଆରୀ ମାସରେ ପୀଠରେ ଆୟୋଜନ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ଅଖଣ୍ଡ ନାମ ସଂକୀର୍ତନର ଖର୍ଚ୍ଚହିସାବ ପ୍ରଦାନ ଓ ଚଳିତ ବର୍ଷ ପାଇଁ ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ପାଦକ ଜଗନ୍ନାଥ ସାହୁ ଆଗାମୀ ରଥଯାତ୍ରା ଆୟୋଜନର ବଜେଟ ଉପସ୍ଥାପନ କରି ଓ ଖର୍ଚ୍ଚ ଅଟକଳ ରାଶିର ଆମଦାନୀ ଆଦି ବିଷୟରେ ଆଲୋଚନା ଆଗକୁ ବଢ଼ାଇ ଥିଲେ । ସଭାରେ ଛେରାପହଁରା, ଶୃଙ୍ଖଳିତ ରଥଟଣା, ମାଉସୀ ମା' ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନାର୍ଥେ ଜୀଉଗଣଙ୍କ ଦୈନନ୍ଦିନ ବେଶ, ପ୍ରସାଦ ବ୍ୟବସ୍ଥା, ଯାତ୍ରା ଉପଲକ୍ଷେ ମେଳା, ମାଉସୀ ମା' ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ପ୍ରସ୍ତୁତି, ହରିକଥା ସମ୍ବଳିତ ଆଧାତ୍ମିକ ସାହିତ୍ୟ ପତ୍ରିକା 'ହୋ' ଭଗତେ..'ପ୍ରକାଶନ ପ୍ରଭୃତି ବିଷୟରେ ବିଶଦ ବିଚାର ବିମର୍ଶ ଏବଂ ମତ ବିନିମୟ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ, ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠର ପ୍ରମୁଖ ସକ୍ରିୟ ସେବକ/ସେବିକା ତଥା ସ୍ଥାନୀୟ ପୁରାତନ ଆଧାତ୍ମିକ ଅନୁଷ୍ଠାନ ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରସାର ସମିତିର ସଭ୍ୟ ସର୍ବଶ୍ରୀ ଯତୀନ ଚନ୍ଦ୍ର ସାହୁ, ସୁରଥ କୁମାର ସାହୁ, ଅସିତ କୁମାର ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ମନୋଜ କୁମାର ସାହୁ, ପୁଲକ କୁମାର ସାହୁ, ପ୍ରଦୀପ କୁମାର ପାଲିତ, ହିମାଂଶୁ ଶେଖର ସାହୁ, ନବକିଶୋର ସେଠୀ, ଦୟାନିଧି ସାହୁ, ତପନ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ, ସୁନୀଲ କୁମାର ସାହୁ ଏବଂ ପ୍ରତାପ କୁମାର ନାଏକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନବଦିନ ରଥଯାତ୍ରାର ଭବ୍ୟ ଆୟୋଜନ ପାଇଁ ଆଶା ପୋଷଣ ପୂର୍ବକ ସାରସକ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ଜଣାଇଥିଲେ । ପୀଠର ଅନ୍ୟତମ ସକ୍ରିୟ ସେବକ ସୁଧୀରଞ୍ଜନ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସାପ କାମୁଡ଼ାରେ ୧୦ମ ଶ୍ରେଣୀ ଛାତ୍ର ମୃତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗଣ୍ଡିବେଡ ଗ୍ରାମରେ ମାମୁଁ ଘରେ ରହୁଥିବା ଜୟନ୍ତୀ ରାଉତଙ୍କ ପୁଅ ଗଣେଷ(୧୪) ସାପ କାମୁଡାରେ ମୃତ୍ୟ ବରଣ କରିଛନ୍ତି । ଜୟନ୍ତୀଙ୍କ ଶ୍ୱଶୁର ଘର ଆଗରପଡା ଥାନା ଅଧୀନ ବରହମପୁର ଗ୍ରାମରେ ହୋଇଥିବା ବେଳେ ପାରିବାରିକ ସମସ୍ୟାକୁ ନେଇ ସେ ତାଙ୍କ ୨ପୁଅ ଗଣେଷ ଓ ସୁରେଶ(୧୧) ସହ ନିଜ ବାପ ଘର ଗଣ୍ଡିବେଡରେ ରହୁଥିଲେ । ଗଣ୍ଡିବେଡ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ଗଣେଷ ମଙ୍ଗଳବାର ରାତିରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କ ଡାହାଣଗୋଡକୁ ଏକ ସାପ କାମୁଡିଥିଲା । ସକାଳେ ଗୁରୁତର ଅବସ୍ଥାରେ ପ୍ରଥମେ ଖଇରା ଓ ପରେ ଭଦ୍ରକ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ଜିଲ୍ଲାସ୍ତରୀୟ ଷ୍ଟପ ଡାଇରିଆ ପାଳିତ

ଖୋର୍ଦ୍ଧା(ନିପ୍ର): ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ କାର୍ଯ୍ୟାଳୟ ମାତୃ ଓ ଶିଶୁ କଲ୍ୟାଣ ସଭା ଗୃହରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଷ୍ଟପ ଡାଇରିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି । ଉକ୍ତ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ପରିବାର କଲ୍ୟାଣ, ଡାକ୍ତର ପ୍ରଦୀପ କୁମାର ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଭେକ୍ଟର ବାହିତ ରୋଗ, ଡାକ୍ତର ଜୀବନ୍ତ ଆଚାର୍ଜୀ, ଶିଶୁ ରୋଗ ବିଶେଷଜ୍ଞ, ଡାକ୍ତର ଅବିନାଶ ରାଉତରାୟ ସମେତ ଆଶା ଓ ଅଙ୍ଗନ୍ୱାଡ଼ି କର୍ମୀ ଯୋଗ ଦେଇଥିଲେ । ଡାଇରିଆକୁ କିପରି ରୋକିବା, ସ୍ୱଚ୍ଛତାକୁ ଆପଣେଇବା ଓ ଆର ଏସ ପାନୀୟ ଉପରେ ଧ୍ୟାନ ରଖିବା, ଡାଇରିଆ ର ପ୍ରତିଷେଧକ ଜିଙ୍କ ବଟିକା ଏବଂ ଓ ଆର ଏସ ବ୍ୟବହାର ଉପରେ ସୁନିଶ୍ଚିତ କରିବା, ୫ ବର୍ଷର କମ ଶିଶୁଙ୍କୁ ଅଧିକ ଧ୍ୟାନରେ ରଖିବା ଉପରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ସରୋଜ କୁମାର ସିଂ ଆଲୋକପାତ କରିଥିଲେ । ଭେକ୍ଟର ବାହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଶୁଦ୍ଧ ପିଇବା ପାଣି ପିଇବା, ଖାଇବା ପୂର୍ବରୁ ହାତକୁ ଭଲ ଭାବରେ ସାବୁନ ରେ ଧୋଇବା ତଥା ରୋଟା ଭାଇରସ ଓ ମିଳିମିଳା ଟୀକାକରଣ ଉପରେ ସଚେତନତା ସୂଚନା ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଡି ଏମ ଆର ସି ଏସ, ରୋଜାଲିନ ମହାପାତ୍ର ଓ ସହାୟକ ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ରବୀନ୍ଦ୍ର କୁମାର ପାରମାଣିକ ଆଶା କର୍ମୀ ମାନଙ୍କର ଆଜ ଦିନଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକୁ ଘର ଯାଇ ଷ୍ଟପ ଡାଇରିଆ ବାର୍ତା ଓ ପରାମର୍ଶ ଦେବା ଏବଂ ଓ ଆର ଏସ ଏବଂ ଜିଙ୍କ ବଟିକା ପ୍ରଦାନ କରିବାର ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ କ୍ଷ ଘର ଓ ଚତୁର୍ପାର୍ଶ୍ୱ କ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା, ବିଶୁଦ୍ଧ ପାଣି ବ୍ୟବହାର, ହାତ ଧୋଇବା, ଖାଦ୍ୟ ପଦାର୍ଥ ଘୋଡାଇ ରଖିବା, କୂଅ ପାଣି ବିଶୋଧନ, ଶୌଚାଳୟ ବ୍ୟବହାର ଦିଗରେ ଆଶା କର୍ମୀଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ବକ୍ତବ୍ୟ ରଖିଥିଲେ । ଶେଷରେ ରୋଜାଲିନ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



ନୟାଗଡ଼(ନିପ୍ର): ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଦିବା ୧୦ ଘଟିକା ସମୟରେ ଓସ୍ୱାନ ସଭାକକ୍ଷରେ ଅନୁଷ୍ଠିତ ହୋଇ ଯାଇଅଛି । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତ ସଦସ୍ୟ ମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ଯୋଗ ଦିବସ ଗ୍ରାମ ପଂଚାୟତ, ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟରେ ଏକା ସାଙ୍ଗରେ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଜନସାଧାରଣ ଯେପରି ଭାଗ ନେଇ ପାରିବେ ସେ ଉପରେ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ଓ କାର୍ଯ୍ୟକ୍ରମଟି ଆସନ୍ତା ତା ୨୧ ଜୁନ ୨୦୨୬ ରିଖ ପ୍ରାତଃ ୦୬ ଘଟିକାରୁ ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷଙ୍କର ନାମ ପଞ୍ଜୀକୃତ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଗଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରେ ୫୦୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଜିଲ୍ଲାପାଳ ଆଶା ବ୍ୟକ୍ତ କରିଛନ୍ତି । ଜିଲ୍ଲାସ୍ତରୀୟ ଯୋଗ ଦିବସ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳନ କରାଯିବା ପାଇଁ ନିଷ୍ପତି ନିଆଗଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ - ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକକୁ ନିମନ୍ତ୍ରିତ ହେଇଥିବା ଯୋଗ ମହୋତ୍ସବ ସମିତିର ସଂଯୋଜକ କମଳକାନ୍ତ ନାୟକ ଓ ରମେଶ ମହାରଣା ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ । ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିବା ସହ ସଭାସାଙ୍ଗ କରାଯାଇଥିଲା ।

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dated 12.06.2026, I, Saraswati Barik, W/o- Harish Chandra Barik resident of At/Po- Antara, Ps- Simulia, Dist- Balasore declare that I have changed my name from Rebati Barik to Saraswati Barik. Henceforth, I shall be known as Saraswati Barik for all purposes.

**Sd/-**
**Saraswati Barik**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, BALASORE

**No. 25001/438/2627**

**e-procurement Notice**

Bid Identyfication No e-Procurement No. 2/SERW/BLS-II/2026-27

Estimated Cost :- As specified in column 3 of Annexure
Cost of Tender Paper through online :- As specified in column 6 of Annexure
Class of Contrator :- As specified in column 7 of Annexure
Time of Completion :- As specified in column 8 of Annexure
Other Details:- :- As per DTCN

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening the Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Balasore | ETCN-2/SERW BLS-II /2026-27 | 23.06.2026 at 05.00 P.M. | 07.07.26 up to 5.00 P.M. | 06.07.26 up to 5.00 P.M. | 08.07.2026 at 10.00 A.M |

Further details can be seen from the web site www.tendersorissa.gov.in

**Sd/-**
**Superintending Engineer**
**R.W. Division-II, Balasore**

**OIPR. 25001/25052/1/26-27/0003**





*ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।*

# ଆଜିକାଲି



*ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।*
*ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହ କିଂ କରିଷ୍ୟତି ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ସମସ୍ତ ପ୍ରାଣୀ ନିଜ ସ୍ୱଭାବର ପରବଶ ହୋଇ କର୍ମ କରନ୍ତି। ଜ୍ଞାନବାନ୍ ବ୍ୟକ୍ତି ମଧ୍ୟ ନିଜ ଅନୁସାରେ ଚେଷ୍ଟା କରନ୍ତି । ଏଣୁ ଏଥିରେ କାହାର ଜିଦ୍ ବା କ'ଣ କରିପାରିବ ?

## ଗୃହିଣୀଙ୍କ ମାସିକ ଆୟ

ନିକଟରେ ସୁପ୍ରିମକୋର୍ଟ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣେ ଗୃହିଣୀଙ୍କ ନିକଟ ସମ୍ପର୍କୀୟଙ୍କୁ ମାସିକ ୩୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବା ଭାରତୀୟ ମହିଳାଙ୍କ ପାଇଁ ମାସିକ ଆୟ ଧାର୍ଯ୍ୟ କରିଛନ୍ତି ବୋଲି କୁହାଯାଇପାରିବ । ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପରିବାର ପ୍ରତି ମହିଳାଙ୍କ ଅବଦାନକୁ ଆକଳନ କରିବା ଅତ୍ୟନ୍ତ କଷ୍ଟକର । ଜଣେ ଗୃହିଣୀ ପରିବାର ସମ୍ଭାଳିବା ସହ ପିଲାଙ୍କ ଦେଖାଶୁଣା କରିଥାନ୍ତି । ସକାଳେ ଶଯ୍ୟା ତ୍ୟାଗ କରିବା ପରଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଘରର ସବୁ କାମ ସମ୍ଭାଳିଥାନ୍ତି । ଏହି ଦୃଷ୍ଟିରୁ ସମାଜ ପ୍ରତି ସେମାନଙ୍କର ଅବଦାନ ଅଫିସ ଯାଇ ଘର ଚଳାଇବାକୁ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଯାହା ଉଲ୍ଲେଖ କରିଛନ୍ତି, ତାହା ଗୃହିଣୀଙ୍କ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରୁଛି । ଭାରତୀୟ ସମାଜରେ ଅବୈତନିକ ଏବଂ ଅଣ ପଂଜୀକୃତ ଗୃହିଣୀଙ୍କ କାର୍ଯ୍ୟର ମୂଲ୍ୟାୟନରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦେଶରେ ପ୍ରଥମ ସଂସ୍ଥାଗତ ସ୍ୱୀକୃତି ହୋଇପାରେ । ସର୍ବୋଚ୍ଚ ଅଦାଲତ ଆହୁରି ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ, ଜଣେ ଗୃହିଣୀଙ୍କ ଭୂମିକା ଟଙ୍କା ରୋଜଗାର କରୁଥିବା ପରିବାରର ଅନ୍ୟ ସଦସ୍ୟମାନଙ୍କ ପରି ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ଗୃହିଣୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ବ୍ୟକ୍ତିଗତ ଭାବରେ ମୂଲ୍ୟାଙ୍କନ କରାଯାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାଙ୍କର ଅବଦାନ ଅତ୍ୟନ୍ତ ଉଚ୍ଚମାନର ଓ ଅମୂଲ୍ୟ । ଆର୍ଥୀକ ଦୃଷ୍ଟିରୁ ଜଣେ ମହିଳାଙ୍କ ପରିବାର ପ୍ରତି ଅବଦାନର ମୂଲ୍ୟାଙ୍କନ କରିବା ଅତ୍ୟନ୍ତ କଷ୍ଟକର । ଏହା ନିସନ୍ଦେହ ଯେ, ପରିବାର ପ୍ରତି ଜଣେ ମହିଳାଙ୍କ ଅବଦାନ ବା କର୍ତବ୍ୟ କାହିଁ କେଉଁ କାଳରୁ ଭାରତୀୟ ସଂସ୍କୃତିରେ ସ୍ୱତନ୍ତ୍ର ମର୍ଯ୍ୟାଦା ଭାବେ ରହି ଆସିଛି । ତେବେ ଏବେ ଏହା ଦୁଇଟି ପର୍ଯ୍ୟାୟ ସମସ୍ୟା ଭାବେ ସ୍ୱୀକାର କରାଯିବା ଉଚିତ୍ । ପ୍ରଥମଟି ହେଉଛି ଗୃହିଣୀ ମହିଳାଙ୍କ କର୍ତବ୍ୟଗୁଡିକ ଉପରେ ଭାରତୀୟ ସାମାଜିକ ସାଂସ୍କୃତିକ ଚଳଣିର ଚାପ ଏବଂ ଦ୍ୱିତୀୟଟି ହେଉଛି ଭାରତର ପୁଞ୍ଜିବାଦୀ ପୂର୍ବବର୍ତୀ ସମୟଠାରୁ ଏକ ଚାପ । ଯାହାକି ପରିବାର ପ୍ରତି ଗୃହିଣୀଙ୍କ କର୍ତବ୍ୟକୁ ବାଧ୍ୟତାମୂଳକ କରିଛି ବୋଲି କୁହାଯାଇପାରେ । ନ୍ୟାଶନାଲ ପରିସଂଖ୍ୟାନ ଅଫିସ (ଏନଏସଓ) ଦ୍ୱାରା ସଂଗୃହିତ ତଥ୍ୟ ଆଧାରରେ ଟାଇମିସ୍ ୟୁଜ୍ ସର୍ଭେ (ଟିୟୁସ)ର ୨୦୧୯ ଓ ୨୦୨୪ ରିପୋର୍ଟ ଅନୁଯାୟୀ ପୁରୁଷମାନେ ପରିବାର ଓ ସେବା ଯତ୍ନ ପାଇଁ ଯେତିକି ସମୟ ଦୈନିକ ବିତାଇଥାନ୍ତି, ମହିଳାମାନେ ତାଠାରୁ ପାଖାପାଖି ଆଠ ଗୁଣ ଅଧିକ ସମୟ ଅତିବାହିତ କରିଥାନ୍ତି । ସେହିପରି ପିରିଅଡିକ୍ ଲେବର ଫୋର୍ସ ସର୍ଭେ (ପିଏଲଏଫଏସ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି ଯେ, କେବଳ ୩୦.୭ ପ୍ରତିଶତ ମହିଳା ଚାକିରି କରୁଥିବା କିମ୍ବା ଚାକିରି ଅନ୍ୱେଷଣରେ ଅଛନ୍ତି । ତେବେ ମହିଳାଙ୍କ ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ଜବରଦସ୍ତ ଲଦି ଦିଆଯାଇଥିବା ପ୍ରତିକୂଳ ପରିସ୍ଥିତି ଭାରତର ସାମଗ୍ରିକ ବ୍ୟବସ୍ଥା ଉପରେ ପ୍ରଭାବ ପକାଉଥିବା କୁହାଯାଇଛି । ସେହିପରି ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟରେ କୁହାଯାଇଛି, ଚୀନ ତୁଳନାରେ ଭାରତରେ ମହିଳାଙ୍କ ଶ୍ରମବଳ ଯଥେଷ୍ଟ କମ୍ ରହିଛି । ଆଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞଙ୍କ ଅନୁସନ୍ଧାନମୂଳକ ସର୍ଭେ ଭାରତରେ ମହିଳା ଶ୍ରମଶକ୍ତି ଅଧାରୁ ଛାଡିବା ସେମାନଙ୍କ ବିବାହ ସହ ସମ୍ବନ୍ଧିତ ଏହାର ମୁଖ୍ୟ କାରଣ ହେଉଛି ପରିବାର ସେମାନଙ୍କର ଅବୈତନିକ କାର୍ଯ୍ୟର ପ୍ରତିବଦ୍ଧତା ।

## ବିଶ୍ୱ ସିକଲ ସେଲ ଦିବସ

◆ କାଳୀ ଦାସ

ନିରୋଗୀ ଜୀବନ ସମସ୍ତଙ୍କ କାମ୍ୟ ।କିନ୍ତୁ ରୋଗ ମୁକ୍ତ ହେବା ସହଜ ନୁହେ ।ସମୟ ସମୟ ରେ ଭିନ୍ନ ଭିନ୍ନ ରୋଗ ରେ ଆକ୍ରାନ୍ତ ହୋଇ ମଣିଷ କଷ୍ଟ ପାଇଥାଏ । ଅନେକ ରୋଗ ରୁ ମୁକ୍ତ ହେବା ମଧ୍ୟ ସମ୍ଭବ ହୁଏ ନାହିଁ । ଜୀବନ ସାରା ସେଥିପାଇଁ ଚିକିତ୍ସାଧୀନ ହୋଇ ରହିବାକୁ ପଡିଥାଏ । ସିକଲ ସେଲ ହେଉଛି ଏମିତି ଏକ ରୋଗ ଯାହାର ସମ୍ପୂର୍ଣ୍ଣ ଚିକିତ୍ସା ବା ନିରାକରଣ ଜଟିଳ ଅଟେ । ଅନେକ ଏହି ରୋଗ ବିଷୟ ରେ ଜାଣନ୍ତି ନାହିଁ । ସେଥିପାଇଁ 'ସିକଲ ସେଲ ଡେ'ର ଆୟୋଜନ କରାଯାଉଛି । ଜୁନ ତା ୧୯ ରିଖ କୁ 'ବିଶ୍ୱ ସିକଲ ସେଲ ଡେ' ଭାବରେ ପାଳନ କରାଯାଏ ।ଏହି ' ଡେ ' ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାଧାରଣ ଲୋକଙ୍କୁ 'ସିକଲ ସେଲ' ରୋଗ ବିଷୟ ରେ ସଚେତନ କରାଇବା । ଏହି ଦିନର ପାଳନ ସହିତ ଯେଉଁ ଆଲୋଚନା ଚକ୍ର ଚାଲେ ତାହା ଦ୍ୱାରା ସାଧାରଣ ଲୋକମାନେ ଏହି ରୋଗ ବିଷୟ ରେ ଜାଣି ପାରିଥାନ୍ତି ଏ୍ଂ ଏହି ରୋଗ ରୁ କେମିତି ଆକ୍ରାନ୍ତ ନ ହେବେ ସେଥିପାଇଁ ନିଜକୁ ପ୍ରସ୍ତୁତ କରିବେ । 'ସିକଲ ସେଲ' ଗୋଟିଏ ରକ୍ତ ଜନିତ ରୋଗ ।ଏହି ରୋଗ ଆକ୍ରମଣ କଲେ ରକ୍ତରେ ରହିଥିବା ଲୋହିତ ରକ୍ତ କଣିକା ଗୁଡିକ ଦା ପରି ରୂପ ନେଇଥାନ୍ତି ।ଯେତେବେଳେ ଲୋହିତ ରକ୍ତ କଣିକା ' ଦା' ପରି ହୋଇଯାଏ ତାହା ମଣିଷ ଦେହର ରକ୍ତ ପ୍ରଭାବ କୁ ବାଧା ପ୍ରାପ୍ତ କରିଥାଏ । ରକ୍ତ ଦ୍ୱାରା ଦେହର ଭିନ୍ନ ଭିନ୍ନ ସ୍ଥାନ କୁ ପହଂଚୁଥିବା ଅକ୍ସିଜେନ ବା ଅମ୍ଳଜାନ ଠିକ ଭାବରେ ପହଂଚି ପାରେ ନାହିଁ ।ତେଣୁ ଦେହର ଭାଇଟେଲ ଅର୍ଗାନ ବା ଦେହର ମୁଖ୍ୟ ଅଙ୍ଗ ଗୁଡ଼ିକ ଏହାଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । ସିକଲ



ସେଲ ମଧ୍ୟ ରକ୍ତ ହୀନତା ଯନ୍ତ୍ରଣା ଏବଂ ବିଭିନ୍ନ ପ୍ରକାର ର ଇନଫେକସନର କାରଣ ହୋଇଥାଏ । ସିକଲ ସେଲ ରୋଗ ତାର ସିମଟମ୍ ବା ଲକ୍ଷଣ ଦେଖାଇଥାଏ ଯେତେବେଳେ ଜଣେ ଶିଶୁ କେବଳ ' ଛ କିମ୍ବା ପାଂଚ ମାସର ହୋଇଥାଏ । ସିକଲ ସେଲ ମୁଖ୍ୟ ତହ ଶରୀର ରେ ଯନ୍ତ୍ରଣା ସୃଷ୍ଟି କରିଥାଏ । ଦେହରେ ରକ୍ତ ପ୍ରବାହ କୁ ବାଧା ଦେଇ ଥାଏ ।ଏହା ଜଣ୍ଡିସ ଏବଂ ଷ୍ଟ୍ରୋକ ର କାରଣ ମଧ୍ୟ ହୋଇପାରେ । ସିକଲ ସେଲ ପାଇଁ ଦୃଷ୍ଟି ଶକ୍ତିର ସମସ୍ୟା ମଧ୍ୟ ହୁଏ । ଚକ୍ଷୁ ରେ ଥିବା ରେଟିନା ରେ ରକ୍ତ ପ୍ରବାହ ପହଂଚିନପାରିଲେ ଏହା ଦୃଷ୍ଟିଶକ୍ତି କୁ ନଷ୍ଟ କରିଥାଏ । ଯେଉଁ ବ୍ୟକ୍ତିମାନେ ସିକଲ ସେଲ ର ଟ୍ରେଟ ରେ ଆକ୍ରାନ୍ତ ସେମାନେ ସାଧାରଣଙ୍କ ପରି ସ୍ୱସ୍ଥ ଜୀବନ ବଂଚିଥାନ୍ତି,କାରଣ ସେହି ମାନଙ୍କର କେବଳ ଗୋଟିଏ ଜିନ ସିକଲ ସେଲ ଦ୍ୱାରା ଆକ୍ରାନ୍ତ ହୋଇଥାଏ ।ତେଣୁ ସେମାନେ ବିଶେଷ ଭାବରେ ସମସ୍ୟାର ସମ୍ମୁଖିନ ହୁଅନ୍ତି ନାହିଁ । ଯଦି କୌଣସି ବାପା ମା ଟ୍ରେଟ ଦ୍ୱାରା ଆକ୍ରାନ୍ତ ତାହେଲେ ମା ଗର୍ଭାବସ୍ଥା ରେ ନିଜର ଭୃଣ କୁ ପରିକ୍ଷା କରିନେବେ । ସିକଲ ସେଲ ରୋଗରୁ ସଂପୂର୍ଣ୍ଣ ମୁକ୍ତି ପାଇବାପାଇଁ ଏକମାତ୍ର ଚିକିତ୍ସା ହେଉଛି ' ବୋନ ମେରୋ ଟ୍ରାନ୍ସପ୍ଲାଂଟେଶନ ' ।ଜଣେ ସୁସ୍ଥ ବ୍ୟକ୍ତିଙ୍କ ବୋନ ମେରୋ କେବଳ ସିକଲ ସେଲ ରୋଗୀ କୁ ରୋଗ ମୁକ୍ତ କରିପାରେ ।କିନ୍ତୁ ଏଥିରେ ମଧ୍ୟ ସମସ୍ୟା ରହିଛି । ସିକଲ ସେଲ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସାବଧାନ ଅବଲମ୍ବନ କରି ଡ଼ାକ୍ତରଙ୍କ ଉପଦେଶ କୁ ଅକ୍ଷର ଅକ୍ଷର ରେ ପାଳନ କଲେ ଏକ ସୁନ୍ଦର ଜୀବନ ବ୍ୟତୀତ କରିପାରିବ । ସିକଲ ସେଲ ରୋଗ ରେ ଭାରତ ରେ ୧ ମିଲିୟନ ଲୋକ ଆକ୍ରାନ୍ତ ହୋଇଛନ୍ତି । ଭାରତରେ ମୁଖ୍ୟତଃ ଆଦିବାସୀ ଅଂଚଳ ରେ ସିକଲ ସେଲ ର ଆକ୍ରାନ୍ତ ହୋଇଥିବା ଲୋକଙ୍କ ସଂଖ୍ୟା ତୀବ୍ର ଗତି ରେ ବଢ଼ି ଚାଲିଛି । ମହାରାଷ୍ଟ୍ର,ଓଡ଼ିଶା, ମଧ୍ୟପ୍ରଦେଶ, କେରଳ,ଗୁଜରାଟ ଏବଂ ତାମିଲନାଡୁ ଆଦି ରାଜ୍ୟ ରେ ସିକଲ ସେଲର ରୋଗ ରେ ଆକ୍ରାନ୍ତ ହେଉଥିବା ରୋଗୀଙ୍କ ସଂଖ୍ୟା ଅଧିକ । ସିକଲ ସେଲ ରୋଗ ରୁ ମୁକ୍ତି ପାଇବା ପାଇଁ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ଏବଂ ରେଗୁଲାର ଟେଷ୍ଟ କରିବା ଦରକାର ଯାହା ଦ୍ୱାରା ସିକଲ ସେଲ ରୋଗ ରୁ ରୋଗୀ ମୁକ୍ତି ପାଇପାରିବ । ଭାରତ ସରକାରଙ୍କ ତରଫ ରୁ କୁହାଯାଇଛି ଯେ ୨୦୪୭ ସୁଦ୍ଧା ଦେଶ କୁ ସିକଲ ସେଲରୁ ମୁକ୍ତ କରାଯିବ ।

*ବ୍ରହ୍ମପୁର, ଖୋଡାସିଂଗି*
*କଳିଙ୍ଗନଗର ଗଞ୍ଜାମ, ପିନ - ୭୬୦୦୧୦-*
*୭୨୦୫୧୦୦୮୩୯*

**ଶୀତଳ ଷଷ୍ଠୀ**

## ଶିବ ବିବାହ ଓ ଶୀତଳ ଷଷ୍ଠୀ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଜ୍ୟେଷ୍ଠ ଶୁକ୍ଳ ପଂଚମୀ ଦିନ ଶିବ ପାର୍ବତୀଙ୍କର ବିବାହ ହୋଇଥାଏ । ଏଥିପାଇଁ କିଛି ଦିନ ପୂର୍ବରୁ ମହାଦେବଙ୍କର ଶ୍ୱଶୁର ଘର ଖୋଜା ହୁଏ । କୌଣସି ମଧ୍ୟବିତ ବା ଧନୀ ଲୋକ ପାର୍ବତୀଙ୍କ ପିତା ହୋଇ ପାରନ୍ତି । ପୂର୍ବ ବର୍ଷରେ ଯାହାଙ୍କ ଘରେ ପାର୍ବତୀଙ୍କ ବିବାହ ହୋଇ ଥିବ, ତାଙ୍କ ଘରକୁ ଯାଇ ପଡ଼ା ନେତୃସ୍ଥାନୀୟ ଲୋକେ ଗଣ୍ଡୁଳା ହିଟା ଉତ୍ସବ ପାଳନ କରନ୍ତି । ଏହାର ଅର୍ଥ ଶିବ ପୂର୍ବ ଶ୍ୱଶୁରଙ୍କ ସହ ସମ୍ପର୍କ ତୁଟାଇବେ । ଏହା ପରେ ପାର୍ବତୀଙ୍କୁ ନୂଆ ବାପା ଘରକୁ ନେଇଯାନ୍ତି । ସେହି ଘର ପଡ଼ାର ମୁରବୀମାନେ ଶିବଙ୍କ ତରଫରୁ ନିର୍ବନ୍ଧ ପାଇଁ ଯାଆନ୍ତି, ଯେପରି କୁମାର ସମ୍ଭବରେ ଦେବର୍ଷି ନାରଦ ପ୍ରମୁଖ ହିମାଚଳ ପାଖକୁ ଯାଇଥିଲେ ଶିବଙ୍କର ବିବାହ ପ୍ରସ୍ତାବ ନେଇ । ପଂଚମୀର ଦିନେ ଦୁଇଦିନ ପୂର୍ବରୁ ଗୁଆଗୁଣ୍ଡା ଯାତ୍ରା ହୁଏ । ପଂଚମୀ ଦିନ ରାତିରେ ଉଭୟ ପଡ଼ାର ମହାଦେବଙ୍କର ବାରାତ ବାହାରେ । ବ୍ରାହ୍ମଣମାନେ ବୃଷଭ ଓ ମହାଦେବଙ୍କୁ କାନ୍ଧରେ ବୋହି ମନ୍ଦିର ଠାରୁ କନ୍ୟା ଗୃହକୁ ବିରାଟ ଶୋଭାଯାତ୍ରାରେ ନିଅନ୍ତି । ଏଥି ସହିତ ବାଜା ଓ ବାଣ ଆତସବାଜିର ପ୍ରଦର୍ଶନ ହୁଏ । ସେହି ରାତିରେ ମହାଦେବ କନ୍ୟା ଗୃହରେ ପ୍ରବେଶ କରନ୍ତି ରାତି ମଧ୍ୟରେ ବ୍ରାହ୍ମଣ ମାନଙ୍କର ବିବାହରୀତି ଅନୁସାରେ




ମହାଦେବ ଓ ପାର୍ବତୀଙ୍କର ବିବାହ ସମ୍ପନ୍ନ ହୁଏ । କନ୍ୟାପକ୍ଷ ଯୌତୁକସ୍ୱରୂପ କିଛି ଅଳଙ୍କାର ଓ କିଛି ବାସନକୁଶନ ଦେଇଥାନ୍ତି । ବିଶେଷ କରି ଓଡ଼ିଶାର ସମ୍ବଲପୁର ସହରରେ ଶୀତଳଷଷ୍ଠୀ ପର୍ବ ବଡ଼ ଧରଣରେ ଅନୁଷ୍ଠିତ ହୋଇଥାଏ । ଏତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଶିବ ବିବାହ (ଶୀତଳ ଷଷ୍ଠୀ) ପର୍ବ ବେଶ୍ ଧୁମ୍ ଧାମରେ ଅନୁଷ୍ଠିତ ହୋଇଥାଏ । କେତେକ ସ୍ଥାନରେ ଦେଖାଯାଏ ଶିବ ଓ ପାର୍ବତୀଙ୍କ ଭୂମିକାରେ ଅଭିନୟ କରିଥାନ୍ତି ସ୍ଥାନୀୟ ଲୋକ । ବିବାହ ପରେ ଷଷ୍ଠୀ ଦିନ ରାତିରେ ଶିବ ପାର୍ବତୀଙ୍କର ନଗର ପରିକ୍ରମା ଆରମ୍ଭ ହୁଏ । ଏକ ସୁସଜ୍ଜିତ ବିରାଟ ମେଢ଼ ଉପରେ ବୃଷଭ ଉପରେ ମହାଦେବ ଓ ଆଗରେ ସିଂହ ଉପରେ ପାର୍ବତୀ ନାନା ସ୍ୱର୍ଣ୍ଣାଳଙ୍କାରରେ ଭୂଷିତା ହୋଇ ଭକ୍ତଜନଙ୍କୁ ଦର୍ଶନ ଦିଅନ୍ତି । ପ୍ରଧାନ ମେଢ଼ ଛଡ଼ା ହନୁମାନ ନୃସିଂହ ଓ ଅନ୍ୟାନ୍ୟ ଦେବ ଦେବୀଙ୍କର ମେଢ଼ ମଧ୍ୟ ବାହାରିଥାଏ । ଦେବୀ ସୀତାଙ୍କ ବିୟୋଗ ପରେ ମହାଦେବ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ସବୁକିଛି ଭୁଲିଯାଇ ସେ ଦିନରାତି ଦେବୀ ସତୀଙ୍କ ଚିନ୍ତାରେ ନିମଗ୍ନ ରହୁଥିଲେ । ଅନ୍ୟପଟେ ଦେବୀ ସତୀ ଅଗ୍ନିରେ ଝାସ ଦେବା ବେଳେ ସଂକଳ୍ପ କରିଥିଲେ କି ସେ ପୁନର୍ବାର ରାଜା ହିମାଳୟଙ୍କ ପାଖରେ ଜନ୍ମ ନେବେ ଏବଂ ସାରା ଜୀବନ ପାଇଁ ଶିବଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ରହିବେ । ଉଚିତ ସମୟରେ ଦେବୀ ସତୀ ପର୍ବତ ରାଜା ହିମାଳୟଙ୍କ ପତ୍ନୀ ମେନେକାଙ୍କ ଗର୍ଭରୁ ଜନ୍ମଧାରଣ କଲେ । ପର୍ବତଙ୍କ ପୁତ୍ରୀ ହୋଇଥିବାରୁ ତାଙ୍କ ନାମ ପାର୍ବତୀ ଦିଆଗଲଶ । ଧୀରେ ଧୀରେ ସେ ବିବାହ ବୟସରେ ପହଂଚିଲେ । ଦେବର୍ଷି ନାରାଦ ରାଜା ହିମାଳୟଙ୍କ ପାଖରେ ଦେବୀ ପାର୍ବତୀଙ୍କ ବିବାହ ମହାଦେବଙ୍କ ସହ କରାଇବାକୁ ପ୍ରସ୍ତାବ ଦେଇଥିଲେ । ଏହାପରେ ଜ୍ୟେଷ୍ଠ ଶୁକ୍ଳ ପଂଚମୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା । ଏହି ଶିବ ବିବାହ ପୂର୍ବକୁ ଶୀତଳ ଷଷ୍ଠୀ ପର୍ବ ଭାବରେ ମଧ୍ୟ ପାଳନ କରାଯାଇଥାଏ । ସଂପ୍ରତି ସୂର୍ଯ୍ୟଦେବଙ୍କ ପ୍ରକୋପ ଦିନକୁ ଦିନ ବଢ଼ି ଚାଲୁଥିଲାବେଳେ ଏହି ଖରାଦିନରେ ହିଁ ଶୀତଳ ଷଷ୍ଠୀ ଉତ୍ସବ ଆନନ୍ଦ ଉଲ୍ଲାସ ଭିତରେ ପାଳନ ହୋଇଥାଏ । ଶୀତଳ ଷଷ୍ଠୀ ହେଉଛି ପାର୍ବତୀ ଓ ଦେବାଧିଦେବ ମହାଦେବଙ୍କ ମିଳନର ପର୍ବ କହିବାକୁ ଗଲେ ଶିବ ବିବାହ ଉତ୍ସବ ହିଁ ହୋଇଥାଏ । ଜ୍ୟେଷ୍ଠ ଶୁକ୍ଳ ପଂଚମୀ ଦିନ ମାତା ପାର୍ବତୀଙ୍କର ଶିବଙ୍କ ସହ ବିବାହ ହୋଇଥିଲା । 'ଶୈବ ରସାମୃତ'ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ । ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର । ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ । ବିଶେଷକରି ସମ୍ବଲପୁରର ଶୀତଳ ଷଷ୍ଠୀ ଯାତ୍ରା ବେଶ ପ୍ରଖ୍ୟାତ । ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା । ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ । ଦୋଳତ୍ସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ । ଆମ ରାଜ୍ୟର ପଶ୍ଚିମାଂଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ । ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ । ଅନ୍ୟ ଚିନ୍ତନରେ, ମହାବିଷୁବ ସଂକ୍ରାନ୍ତୀ ଠାରୁ ସୂର୍ଯ୍ୟ ଦକ୍ଷିଣରୁ ଉତରାୟଣକୁ ଅଗ୍ରସର ହେଉଥିବା ବେଳେ ଜଳବିଷୁବ ସଂକ୍ରାନ୍ତୀରୁ ସେ ଉତରରୁ ଦକ୍ଷିଣାସ୍ଥାନକୁ ଗତି କରନ୍ତି । ଯାହା ଦ୍ୱାରା ଜ୍ୟେଷ୍ଠମାସର ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ପୃଥିବୀ କ୍ରମେ କ୍ରମେ ଶୀତଳତା ପାଇବା ସହ ସୂର୍ଯ୍ୟଦେବଙ୍କର ଗତିକ୍ରମରେ ଆକାଶରେ ମେଘ ସୃଷ୍ଟି ହୁଏ ଓ ସେହି ଘନୀଭୂତ ମେଘ ପରବର୍ତୀ ସମୟରେ ବର୍ଷାର ରୂପ ନେଇଥାଏ । ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ । ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ । ଭଗବାନ ଶିବ ସମଗ୍ର ଜୀବସତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବା ବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଷିକ୍ତ । ଶିବ- ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି । ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ । ତା'ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସ□। ସହିତ ବହିର୍ଜାଗତିକ ପ୍ରବୃତି ସତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ । ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବା ବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ । ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇ ଥାଏ । ରୁଦ୍ରରୂପୀ ଶିବ ଓ ମାତା ପାର୍ବତୀଙ୍କ ଯେଉଁ ମିଳନର ପର୍ବ ତାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାଏ । କହିବାକୁଗଲେ ଶୀତଳ ଷଷ୍ଠୀ ପୁରାଣ ଚେତନା ଓ ଯୁବଚେତନାର ପ୍ରତିଭାଷ ମାତ୍ରନୁହେଁ ଶାନ୍ତିକାମୀ, ମଙ୍ଗଳମୟ ଓ ନ୍ୟାୟ ପ୍ରତିଷ୍ଠାର ଅବସର ମଧ୍ୟ । ଶୀତଳ ଷଷ୍ଠୀ ଏପରି ଏକ ପାରମ୍ପରିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟରେ ଚେତନାକୁ ଜାଗ୍ରତ କରିଥାଏ । ଭଗବାନ ଶିବ ଓ ମାତା ପାର୍ବତୀ ଆମ ସମସ୍ତଙ୍କୁ ଦିବ୍ୟାଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର,*
*କଟକ : ୯୪୩୭୧୦୩୧୨୫୩*

## ଆର୍ଯ୍ୟ ସଂସ୍କୃତିରେ ଶୀତଳଷଷ୍ଠୀ ଓ ଶିବ ବିବାହ ପରମ୍ପରା

◆ ଉମାଶଙ୍କର ପ୍ରସାଦ

ଶକ୍ତି ବିନା 'ଶିବ', 'ଶବ' ତୁଲ୍ୟ । ଆମ ଆର୍ଯ୍ୟ ସଂସ୍କୃତିରେ ସୃଷ୍ଟିର ମୂଳ ପ୍ରକୃତିକୁ 'ଶକ୍ତି' ଓ 'ଶିବ'ଙ୍କୁ ତାଙ୍କର ଅପରିବର୍ତନୀୟ ସତାରୂପେ ପରିକଳ୍ପନା କରାଯାଇଛି । ଶିବ ଓ ଶକ୍ତିର ଐକ୍ୟ ବା ଚିରନ୍ତନ ମିଳନରେ ସୃଷ୍ଟି କ୍ରିୟା ସମ୍ଭବ ହୋଇଥାଏ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପୁରାଣ ଓ ଶିବପୁରାଣରେ ଶିବ ବିବାହର ତାତ୍ୱିକ ବିଶ୍ଳେଷଣ ବର୍ଣ୍ଣନା କରାଯାଇଛି । ମହାକବି କାଳିଦାସ ତାଙ୍କ ରଚିତ 'ମେଘଦୂତ' କାବ୍ୟରେ ସୁଷୁମ୍ନା ନାଡ଼ିକୁ ପାର୍ବତି ରୂପେ ଓ ମେରୁଦଣ୍ଡକୁ ହିମବାନ ରୂପେ ବର୍ଣ୍ଣନ କରିଥିଲେ । ତାତ୍ୱିକ ଦୃଷ୍ଟିରୁ ଦେଖିଲେ ମେରୁଦଣ୍ଡର ମୂଳରେ ଏକ ତ୍ରିକୋଣ ଶକ୍ତି ପୀଠରେ ସ୍ୱୟଂଭୁ ସଦାଶିବ ବିରାଜିତ ଅଛନ୍ତି । ଏହି ମେରୁଦଣ୍ଡ ଶକ୍ତି, ସିଦ୍ଧି ଓ ଚମତ୍କାରିତାର କେନ୍ଦ୍ରସ୍ଥଳର ରୂପେ ପରିଚିତ । ସୁଷମ୍ନା ନାଡ଼ି ରୂପି ପାର୍ବତୀଙ୍କର ଶକ୍ତିପୀଠରେ ବିରାଜିତ ଶିବଙ୍କ ସହିତ ମିଳନ ଅର୍ଥାତ୍ ବିବାହ ଫଳରେ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇ ଶକ୍ତିମାନ କାର୍ତୀକେୟ ଆବିର୍ଭାବ ହୋଇ ସମସ୍ତ ପ୍ରବୃତିରୂପି ତାରକାସୁରକୁ ନିପାତ କରିଥାନ୍ତି । ଏଣୁ କେଉଁ ଅନାଦି କାଳରୁ ଶିବଙ୍କୁ ଧର୍ମର ସ୍ୱରୂପରେ ଓ ପାର୍ବତୀଙ୍କୁ ଶକ୍ତିଙ୍କ ସ୍ୱରୂପରେ ଗ୍ରହଣ କରି ଏହି ଶିବ ବିବାହକୁ ଶିବଶକ୍ତିଙ୍କ ଆଧାତ୍ମିକ ମିଳନର ଉତ୍ସବ ରୂପେ ପରିକଳ୍ପନା କରାଯାଇଛି । କିମ୍ବଦନ୍ତୀ ଅନୁସାରେ ଜାଗର ଅମାବାସ୍ୟା ପରେ ଶିବ ଭୟଙ୍କର ରୂପ ଧାରଣ କରିଥାନ୍ତି । ଏବଂ ପାର୍ବତୀଙ୍କ ସହ ବିବାହ ପରେ ସେ ଶୀତଳତା ଅନୁଭବ କରିବା ସହ ଶାନ୍ତ ରୂପରେ ପ୍ରକାଶିତ ହୋଇଥାନ୍ତି । ଏବଂ ଶିବ ବିବାହର ପରବର୍ତୀ ଦିବସଟି ଶୀତଳଷଷ୍ଠି ରୂପେ ପାଳିତ ହୋଇଥାଏ । ଅନ୍ୟଏକ ମତରେ ଦକ୍ଷ ଯଜ୍ଞରେ ସ୍ୱାମୀଙ୍କ ଅପମାନ ସହ୍ୟ ନକରିପାରି ପାର୍ବତୀ ଯଜ୍ଞାଗ୍ନିରେ ନିଜକୁ ସମର୍ପଣ କରିଥିଲେ । ଶିବ ସେଥିରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ବୀରଭଦ୍ରଙ୍କୁ ପ୍ରେରିତ କରି ଦକ୍ଷଙ୍କ ଶିର ଛେଦନ କରିବା ସହ ପାର୍ବତୀଙ୍କ ଦଗ୍ଧିଭୂତ ଶରୀରକୁ ନେଇ ଆସିବା ସମୟରେ ବିଷ୍ଣୁଙ୍କ ଚକ୍ରରେ ଶରୀରର ନଅଟି ଅଂଶ ଛେଦନ ହୋଇ ନଅଟି ପ୍ରମୂଖ ଶକ୍ତିପୀଠ ଗଢ଼ି ଉଠିଲା ଏବଂ ସେହିଦିନ ଠାରୁ ଶିବ ତପସ୍ୟାରେ ଲୀନ ଥିଲେ । ତାରକାଶୂରର ଅତ୍ୟାଚ଼ରରୁ ଦେବତାମାନେ ରକ୍ଷା ପାଇବା ପାଇଁ ହିମାଚଳଙ୍କ ଗୃହରେ ଜନ୍ମ ଲଭିଥିବା ପାର୍ବତୀରୂପି ଉମାଙ୍କ ସଂଗରେ ଶିବଙ୍କର ପୁନର୍ବାର ବିବାହ ରଚନା କରିବା ପାଇଁ ପ୍ରୟାଶ କରିଥିଲେ । କାରଣ, ବ୍ରହ୍ମାଙ୍କ ବରଦାନ ଅନୁସାରେ ତାରକାଶୂରର ମୃତ୍ୟୁ କେବଳ ଶିବଙ୍କ ପୁତ୍ର ହାତରେ ସମ୍ଭବ ଥିବା ଜାଣି ଦେବତାମାନେ ଶିବଙ୍କୁ ତପସ୍ୟାରୁ ଜାଗ୍ରତ କରାଇ ଶିବଶକ୍ତିଙ୍କର ମିଳନ କରାଇଥିଲେ । ସେହିଦିନ ଠାରୁ ପୃଥିବୀ ବକ୍ଷରେ ଉତପ୍ତ ନିଦାଘର ଜ୍ୱଳାରୁ ପ୍ରାଣୀଜଗତ ରକ୍ଷା ପାଇବା ପାଇଁ ସଦାଶିବଙ୍କୁ ବିନତୀ କରିବାରୁ ଶିବଶକ୍ତିଙ୍କର ମିଳନ ପରେ ଅର୍ଥାତ ପୃଥିବୀ ବକ୍ଷରେ ସମସ୍ତ ପ୍ରାଣୀ ଶୀତଳତା ଅନୁଭବ କରିଥିଲେ ଏବଂ ମୌସୁମୀ ବାୟୁ ପ୍ରବାହିତ ହୋଇଥିଲା । ଫଳରେ ସେହିଦିନଟିକୁ ଶୀତଳଷଷ୍ଠି ରୂପେ ଅବିହିତ କରାଗଲା । ଓଡ଼ିଶାରେ ଏହି ଶୀତଳଷଷ୍ଠିକୁ ଆରଣ୍ୟକ ଷଷ୍ଠି ଓ ସ୍କନ୍ଦ ଷଷ୍ଠିରୂପେ ବର୍ଣ୍ଣନା କରାଯାଇଛି ।



କାରଣ, ଶୀତଳଷଷ୍ଠି ପରେ ପରେ ସ୍କନ୍ଦ ଜନ୍ମ ସମ୍ଭବ ହୋଇଥିଲା । ଏହି ଆରଣ୍ୟକ ବ୍ରତ ପାଳନ କରି ଫଳାହାର ପୂର୍ବକ ଷଷ୍ଠିଦିନ ଶିବଶକ୍ତି ଉପାସନା କରୁଥିବା ନାରୀମାନେ ଉତମ ଗୁଣ ଯୁକ୍ତ ସନ୍ତାନ ଲାଭ କରିଥାନ୍ତି । ଯାହାର ପ୍ରମାଣ 'କାଳସାର' ଗ୍ରନ୍ଥରେ ନିମ୍ନୋକ୍ତ ପ୍ରକାରେ ଉଲ୍ଲେଖ କରାଯାଇଛି - *ଜ୍ୟେଷ୍ଠ ମାସି ସିତେ ପକ୍ଷେ ଷଷ୍ଠ୍ୟା ମାରଣ୍ୟେକ ବ୍ରତେ, ଯେ ବିନ୍ଧ୍ୟ ବାସିନୀ ଦେବୀଂ ପୂଜୟେ ଯର୍ବନେଗତା, ତେ ଫଳମୂଳାହାର ଲଭନ୍ତେ ସନ୍ତତି ହିତାଃ ॥*

ଓଡ଼ିଶାରେ ଚତୁର୍ଥ ଶତାବ୍ଦୀରେ ଶୈବଧର୍ମର ଅଭ୍ୟୁଦୟ ହୋଇଥିଲା, ଯାହାର ପ୍ରମାଣ କେନ୍ଦୁଝରର ଆସନପାଟି ଶିଳାଲେଖରୁ ମିଳେ । ମାତ୍ର ପ୍ରାୟ ପ□ମ ଶତାବ୍ଦି ବେଳକୁ ଶୈବ ସିଦ୍ଧାନ୍ତ ମତରେ ଶିବଙ୍କୁ ଏକ ବ୍ୟକ୍ତିଗତ ଦେବତା ରୂପେ ଗଣନା କରାଯାଇଥିଲା । ଏହା ଫଳରେ ପ୍ରାୟ ସପ୍ତମ ଶତାବ୍ଦୀରେ ଶୈଳୋଦ୍ଭବ ରାଜବଂଶର ଶାସନ ସମୟରେ ପର୍ଶୁରାମେଶ୍ୱର ମନ୍ଦିରର ଜଗମୋହନର ଅଗ୍ରଭାଗରେ ସର୍ବପ୍ରଥମେ ଶିବପାର୍ବତୀଙ୍କ ବିବାହ ଦୃଶ୍ୟ ଖୋଦିତ ହୋଇଥିଲା । ଅନ୍ୟଏକ ମତରେ ସନାତନ ସଂସ୍କୃତିରେ ଶ୍ରୀ ଜଗନ୍ନାଥଙ୍କୁ ଭୈରବ ଓ ବିମଳାଙ୍କୁ ଭୈରବୀ ରୂପେ ପରିଚିତ କରା ଯାଇଥିଲା । ବିଶ୍ୱପ୍ରସିଦ୍ଧ ଲିଙ୍ଗରାଜ ସର୍ବପ୍ରଥମେ ସପ୍ତମ ଶତାବ୍ଦୀରେ ଗୌଡ଼ର ରାଜ ଶଶାଙ୍କ ଦ୍ୱାରା ତ୍ରିଭୁବନେଶ୍ୱର ରୂପେ ପ୍ରତିଷ୍ଠିତ ହୋଇ ଏକାମ୍ରର ସ୍ୱୟମ୍ଭୁ ଲିଙ୍ଗରୂପେ ଆବିର୍ଭୁତ ଏହି ଲିଙ୍ଗକୁ ଶଶାଙ୍କ ତ୍ରିଭୁବନେଶ୍ୱର ରୂପେ ପ୍ରତିଷ୍ଠା କରିଥିଲେ ଲିଙ୍ଗରାଜଙ୍କ ବିବାହ ଓ ଶୀତଳଷଷ୍ଠି ଯାତ୍ରା :ପ୍ରାୟ ଦ୍ୱାଦଶି ପରଠାରୁ ଲିଙ୍ଗରାଜଙ୍କର ଚତୁର୍ଦ୍ଦଶ ମୁଖ୍ୟ ଯାତ୍ରା ଛଡ଼ା ଆଉ ଆଠଟି ଉପଯାତ୍ରା ମଧ୍ୟରୁ ଶିବ ବିବାହ ଓ ଶିତଳଷଷ୍ଠୀ ଏକ ଉପଯାତ୍ରା ରୂପେ ପାଳିତ ହୋଇଥିଲା । ଏହି ଶିବ ବିବାହ ଅବସରରେ ଲିଙ୍ଗରାଜଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ପାର୍ବତୀଙ୍କର ଚଳନ୍ତି ପ୍ରତିମା ଆସି ମହାସମାରୋହରେ କେଦାରଗୌରୀ ମନ୍ଦିରରେ ପାରମ୍ପରିକ ରୀତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ । କ୍ଷେତ୍ରବାସୀ ବ୍ରାହ୍ମଣମାନଙ୍କ ଦ୍ୱାରା ଏହି ଦେବ ବିବାହ ସମ୍ପୂର୍ଣ୍ଣ ହୋଇଥାଏ । ବିଭିନ୍ନ ଆତଶବାଜୀ ପ୍ରଦର୍ଶନ କରାଯାଏ ଓ ଦେବାଦେବୀଙ୍କ ପ୍ରତ୍ୟାବର୍ତନ ସମୟରେ ପନ୍ତିଭୋଗ ସମର୍ପଣ କରାଯାଏ । ଶ୍ରୀମନ୍ଦିରରେ ଶୀତଳଷଷ୍ଠି ମଧ୍ୟ ସ୍ୱ□ଲିପି ଅନୁଯାୟୀ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଷଷ୍ଠି ଦିନ ପାଳିତ ହୁଏ । ଶିବ ବିବାହ ଓ ଶୀତଳଷଷ୍ଠିର ମହନୀୟ ପରମ୍ପରାର ପୃଷ୍ଠଭୂମିରେ ଓଡ଼ିଶାର ଗଜପତିଙ୍କ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ବ୍ରାହ୍ମଣ ଶାସନରେ ପ୍ରାୟ ଷୋଳଶ ଶତାବ୍ଦୀ ପ୍ରାରମ୍ଭରୁ ଶିବ ବିବାହ ଅନୁଷ୍ଠିତ ହୋଇଆସୁଛି । ରାମଚନ୍ଦ୍ରଦେବ(୧)ଙ୍କ ଦ୍ୱାରା ପ୍ରବର୍ତିତ ୧୬ ଶାସନ ପରମ୍ପରାରେ ସ୍ମାର୍ତ ମତ□ ଓ ସନାତନ ସଂସ୍କୃତିର ପ୍ରଚ଼ର ହେଉଥିଲା । ଏହି ଗ୍ରାମଗୁଡ଼ିକର ବୈଶିଷ୍ଟ ଏପରି ଥିଲା ଯେ, ଗ୍ରାମର ଆଦ୍ୟରେ ଶିବମନ୍ଦିର ଓ ପ୍ରାନ୍ତରେ ବିଷ୍ଣୁମନ୍ଦିର ରହିବା ସହ ଗ୍ରାମଦେବୀ ରୂପେ ଦୁର୍ଗାଙ୍କୁ ସ୍ୱୀକାର କରାଯାଏ । ଏହି ଶୀତଳଷଷ୍ଠୀ ପର୍ବଟି ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ଏକ ବିଶିଷ୍ଟ ଗଣଯାତ୍ରା ରୂପେ ପାଳନ କରାଯାଇଥାଏ । ସମସ୍ତ ବ୍ରାହ୍ମଣ ପରିବାର ପକ୍ଷରୁ ଦ୍ୱାରି ଭୋଗ ସମର୍ପଣ ହେବା ସହ ଚୁଡ଼ାଘଷା, ଖିରି, କଦଳୀ, ଆମ୍ବ ପ୍ରଭୃତି ସୁମିଷ୍ଟ ପ୍ରସାଦ ଭୋଗ କରାଯାଏ । ଶୋଭାଯାତ୍ରାରେ ବ୍ରାହ୍ମଣ ପରିବାର ତରଫରୁ ଅନେକ ଗୋଷ୍ଠୀ ଦ୍ୱାରା ବିଭିନ୍ନ ଆତଶବାଜୀ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଏ । ବାଣଯାତ୍ରା ବାସ୍ତବରେ ଶୀତଳଷଷ୍ଠୀର ମୁଖ୍ୟ ଆକର୍ଷଣ ରୂପେ ଗୃହୀତ । ବାସ୍ତବରେ ଏହି ଶୀତଳଷଷ୍ଠୀ ପର୍ବ ମାଧ୍ୟମରେ ଶାସନଗୁଡ଼ିକରେ ଗୋଷ୍ଠୀଗତ ଐକ୍ୟ ଓ ସାମାଜିକ ସଂହତି ପ୍ରତିଷ୍ଠିତ ହୋଇଥାଏ । ସେହିପରି ସମ୍ବଲପୁରରେ ମଧ୍ୟ ଶୀତଳଷଷ୍ଠୀ ଚୌହାନ ରାଜବଂଶର ବୀର ବଳିୟାରସିଂହ ଯେତେବେଳେ ୧୮ଟି ଗଡ଼ ଜୟ କରି ପୁରୀ ରାଜାଙ୍କ ଦ୍ୱାରା 'ହୀରାଖଣ୍ଡ' ଛତ୍ରପତି ଉପାଧି ଲାଭ କରିଥିଲେ ଏବଂ ପୁରୀ ରାଜା ତାଙ୍କୁ ବୀର ପୁରୁଷୋତମପୁର, ବୀର ରାମଚନ୍ଦ୍ରପୁର, ଶ୍ରୀରାମଚନ୍ଦ୍ରପୁର ଓ ଉଷୁନାବରପଦା ଇତ୍ୟାଦି ବ୍ରାହ୍ମଣ ଶାସନରୁ ୧୮ଟି ପରିବାର ସମ୍ବଲପୁର ନେବାକୁ ଅନୁମତି ପ୍ରଦାନ କରିଥିଲେ । ବର୍ତମାନ ସମ୍ବଲପୁରର ନନ୍ଦପଡ଼ା ଠାରେ ଏମାନଙ୍କୁ ଅବସ୍ଥାପିତ କରାଯାଇ ଥିଲା ବୋଲି ନନ୍ଦପଡ଼ାର ଶ୍ରୀ ବାଲୁଙ୍କେଶ୍ୱର ମହାଦେବ, ଝାଡୁଆପଡ଼ାର ଲୋକନାଥ ବାବା ଓ ମୁଦିପଡ଼ାର ଶ୍ରୀ ଜାଗେଶ୍ୱରଙ୍କର ଶୀତଳଷଷ୍ଠୀ ଯାତ୍ରା ସମ୍ବଲପୁରରେ ଏକ ଗଣପର୍ବରେ ପରିଣତ ହେବା ସହ ଏହି ଶିବ ବିବାହ ମାନବ ଧର୍ମର ପ୍ରତିକାତ୍ମକ ମହାନ ପର୍ବରୂପେ ପାଳିତ ହୋଇ ଥାଏ । ଓଡ଼ିଶାର ବିଭିନ୍ନ ଶୈବ କ୍ଷେତ୍ରରେ ଏହି ଶିବ ବିବାହ ପର୍ବ ଏକ ସାମାଜିକ ଐକ୍ୟ ଓ ସଂହତି ପ୍ରତିଷ୍ଠାକାରୀ ଗଣଯାତ୍ରା ରୂପେ ପାଳିତ ହୋଇଆସୁଛି ।

*ସମ୍ପାଦକ, ମାର୍ଗଦର୍ଶୀ*



# ମାରାଙ୍ଗ ବୁରୁ ସାଉଁତା ସୁସାର ସେମଲେଦ କ୍ଲବ ପକ୍ଷରୁ ରଜ ମହୋତ୍ସବ ଓ ୨ ଦୁନିଆ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ବାଲିଆପାଳ,(ନି ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଉଳା ମାରାଙ୍ଗ ବୁରୁ ସାଉଁତା ସୁସାର ସେମଲେଦ କ୍ଲବର ୪୨ ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ରଜ ମହୋତ୍ସବ ଓ ଦୁଇ ଦୁନିଆଁ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଂଟରେ ୧୬ ଟି ଟିମ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ଖେଳ କିସ୍କୁ ବ୍ରଦର୍ସ ଟିମ ମୟୂରଭଞ୍ଜ ଓ ଫ୍ରେଣ୍ଡସ ୟୁନାଇଟେଡ ଟିମ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲେ ।ଫ୍ରେଣ୍ଡସ ୟୁନାଇଟେଡ ଟିମ ପଶ୍ଚିମବଙ୍ଗ କିସ୍କୁ ବ୍ରଦର୍ସ ଟିମ ମୟୂରଭଞ୍ଜ କୁ ୨/୦ ଗୋଲ ରେ ପରାସ୍ତ କରି ଚମ୍ପିୟାନ ହୋଇ



ଥିଲା ।ଏହି ଉଦଯାପନ ଉତ୍ସବର ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସମ୍ମାନୀତ ଅତିଥି ଭାବରେ କଂଗ୍ରେସ ନେତା ବିଜନ ନାୟକ,ଦେଉଳ ସରପଂଚ ସରୋଜ କୁମାର ପିଳା, ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ମୂରଲୀ ମୋହନା ସାହୁ, ବଡ଼ାଶ ସରପଂଚ ଜଗନ୍ନାଥ ବିଶ୍ୱାଳ, ଦେଉଳା ପଂଚାୟତର ସମିତି ସଦସ୍ୟ ଦିପ୍ତିଲୀ ଦାସ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମ ଓ ରନରସପ ଟିମ କୁ ଟ୍ରଫି ପ୍ରଦାନ କରିଥିଲେ । ବ୍ଲକର ସଭାପତି ଖଗେନ୍ଦ୍ର ମୁର୍ମୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପସଭାପତି ସପନ ମାରାଣ୍ଡି ସମ୍ପାଦକ ବସନ୍ତ ମୁର୍ମୁ, ସହସମ୍ପାଦକ ଅରବିନ୍ଦ ମୁର୍ମୁ, ଉପଦେଷ୍ଟା ଗୋପାଳ ମାରାଣ୍ଡି ଙ୍କ ସହିତ କ୍ଲବ ର ସଦସ୍ୟ ପ୍ରୀତମ ମାଝୀ ,ଟୁରିଆ କିସ୍କୁ, ଗୋବିନ୍ଦ ରାଏ, ରଘୁନାଥ ମୁର୍ମୁ, ଅନନ୍ତ ମୁର୍ମୁ, ଶ୍ୟାମ ହାସଦା, ପାତ୍ର ଟୁଡୁ ଙ୍କ ସହିତ ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ । ମନୋଜ କୁମାର ପାତ୍ର ଓ ପରମେଶ୍ୱର ବାସ୍କେଙ୍କ ଧାରା ବିବରଣୀରେ ଦର୍ଶକ ମାନଙ୍କୁ ପଡ଼ିଆ ବାନ୍ଧି ରଖିବା ସହିତ ଖେଳାଳୀ ମାନଙ୍କୁ ଖୁବ ଉତ୍ସାହିତ କରିଥିଲା ।

# ମୟୂରଭଞ୍ଜ ଛଉ ନୃତ୍ୟ ଗୁରୁ ପାଗୁଲୁ ଜେନାଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ

ବାରିପଦା : ପୁଣି ଥରେ ମୟୂରଭଞ୍ଜ ଛଉ ନୃତ୍ୟ କୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି । ଛଉ ନୃତ୍ୟ ଗୁରୁ ଶ୍ରୀ ପାଗୁଲୁ ଜେନା ଙ୍କୁ ୨୦୨୫ ବର୍ଷ ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ମିଳିବା ନେଇ ଗତ କାଲି ଘୋଷଣା କରାଯାଇଛି । ନୃତ୍ୟ ସଙ୍ଗୀତ ନାଟକ ଆଦି କ୍ଷେତ୍ରରେ ଏହା ଦେଶର ସର୍ବୋଚ୍ଚ ସମ୍ମାନ । ବାରିପଦା ସହରର ଜମୁନାଦେଇପୁର ନିବାସୀ ଶ୍ରୀ ଜେନା ପିଲା ବେଳୁ ଛଉ ନୃତ୍ୟ ପ୍ରତି ଆକୃଷ୍ଟ ହୋଇ ବିଗତ ଚାରି ଦଶନ୍ଧି ଧରି ଏହି ନୃତ୍ୟ କରି ଆସୁଛନ୍ତି । ସେ ଦେଶର ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ଆସିଥିବା ବେଳେ ଭାରତ ବାହାରେ ୫ ଗୋଟି ଦେଶରେ ମଧ୍ୟ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟି ପାରିଛନ୍ତି ।ସେ ବାରିପଦାସ୍ଥିତ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରି ଆସିଥିଲେ । ଜିଲ୍ଲାର ଅନେକ ଗ୍ରାମାଂଚଳ ଛଉ ନୃତ୍ୟ ଦଳ ଗୁଡ଼ିକ ର ଗୁରୁ ଭାବେ ବହୁ ଗୁଡ଼ିଏ ନୂତନ ନୃତ୍ୟ ର ସଂରଚନା କରି ଆସିଛନ୍ତି ।ମୟୂରଭଞ୍ଜ ଛଉନୃତ୍ୟ ର ସଂରକ୍ଷଣ ସାଙ୍ଗକୁ ଏହାର ହୃତଗୌରବ କୁ ପୁନଃ ସ୍ଥାପିତ କରିବା ପାଇଁ ବିଗତ ୨୦୧୬ ରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଛାଉଣୀ ସହିତ ସେ ପ୍ରଥମ ରୁ ହିଁ ସମ୍ପୃକ୍ତ ଅଛନ୍ତି । ଶ୍ରୀ ଜେନା ଏବେ ପ୍ରୋଜେକ୍ଟ ଛାଉଣୀ ର ପ୍ରମୁଖ ଗୁରୁ ତଥା ସେଂଟର୍ ହେଡ୍ ଭାବେ



ଦାୟୀତ୍ୱ ନିର୍ବାହ କରୁଛନ୍ତି । ଏହା ସାଙ୍ଗକୁ ଜାତୀୟ ଛଉ କେନ୍ଦ୍ର ର ଉପଦେଷ୍ଟା ଓ କେନ୍ଦ୍ର ସଂସ୍କୃତି ବିଭାଗ ର ବିଭିନ୍ନ କମିଟି ର ସଦସ୍ୟ ଅଛନ୍ତି । ଏହି ବିଷୟ ଘୋଷଣା ହେବା ପରେ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ କୁ ସାଧୁବାଦ ଜଣାଯାଇଛି । ପ୍ରୋଜେକ୍ଟ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ କହିଛନ୍ତି ଯେ ପୂର୍ବରୁ ବର୍ଷ ବର୍ଷ ଧରି ମୟୂରଭଞ୍ଜ ଛଉ ନୃତ୍ୟ ର କଳାକାର ମାନଙ୍କୁ ସରକାରୀ ସ୍ତରରେ ଅଣଦେଖା କରାଯାଇ ଆସୁଥିଲା । ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ବିଗତ ଏକ ଦଶନ୍ଧି ଧରି ଯୋଗ୍ୟ କଳାକାର ମାନଙ୍କୁ ସରକାର ଙ୍କ ପକ୍ଷରୁ ସ୍ୱୀକୃତି ପ୍ରଦାନ କରିବାକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇ ଆସିଛି । ସେହି କ୍ରମରେ ବିଗତ ୨୦୨୩ ମସିହା ରେ ଛଉ ନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତ ଙ୍କୁ ଏହି ସମ୍ମାନ ମିଳିଥିବା ବେଳେ ବର୍ତମାନ ଶ୍ରୀ ଜେନା ଙ୍କୁ ଏହା ମିଳିପାରିଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେହିପରି ଶ୍ରୀ ଜେନା ଙ୍କ ଏହି ସଫଳତା ପରବର୍ତୀ ପିଢୀ ର ଛଉ କଳାକାର ଙ୍କ ମନୋବଳ ବୃଦ୍ଧି କରିବ ବୋଲି ପ୍ରୋଜେକ୍ଟ ର ନିର୍ଦ୍ଦେଶକ ବିଭୁଦତ ଦାସ ଆଶା ବ୍ୟକ୍ତ କରିଛନ୍ତି ।

# ଜୁନ୍ ୨୫ରେ ଆଂଚଳିକ ସ୍ତରୀୟ ଡାକ ଅଦାଲତ

ସମ୍ବଲପୁର : (ହି.ସ.) - ଭାରତୀୟ ଡାକ ବିଭାଗ ପକ୍ଷରୁ ସମ୍ବଲପୁର ଅଂଚଳର ଆଂଚଳିକ ସ୍ତରୀୟ ଡାକ ଅଦାଲତ ଆସନ୍ତା ୨୫ ଜୁନ ୨୦୨୬ ତାରିଖ ଗୁରୁବାର ସକାଳ ୧୧ଟାରେ ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଡାକସେବା ସମ୍ବନ୍ଧୀୟ ଅଭିଯୋଗ ଥିବା ଜନସାଧାରଣଙ୍କୁ ପ୍ରଥମେ ବିଭାଗୀୟ ସ୍ତରୀୟ ଡାକ ଅଦାଲତରେ ନିଜ ଅଭିଯୋଗ ଉପସ୍ଥାପନ କରିବାକୁ ପରାମର୍ଶ ଦିଆଯାଇଛି । ସେଠାରେ ସନ୍ତୋଷଜନକ ସମାଧାନ ନ ମିଳିଲେ, ସେମାନେ ଆଂଚଳିକ ସ୍ତରୀୟ ଡାକ ଅଦାଲତରେ ଅଭିଯୋଗ ଦାଖଲ କରିପାରିବେ । ଏହି ଅଦାଲତ ପାଇଁ ଡାକ କାରବାର ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକୁ ତିନୋଟି ପ୍ରତିଲିପିରେ ସମ୍ପୃକ୍ତ ବିଭାଗୀୟ ଡାକ ଅଧୀକ୍ଷକ କିମ୍ବା ସହକାରୀ ନିର୍ଦ୍ଦେଶକ (ଡାକ ସେବା), ପୋଷ୍ଟମାଷ୍ଟର ଜେନେରାଲଙ୍କ କାର୍ଯ୍ୟାଳୟ, ସମ୍ବଲପୁର ୭୬୮୦୦୧ଙ୍କ ନିକଟକୁ ୨୦ ଜୁନ ୨୦୨୬ ସୁଦ୍ଧା ପଠାଇବାକୁ କୁହାଯାଇଛି । ଅଭିଯୋଗ ସହ ସମ୍ପୃକ୍ତ ଡାକଘରର ରସିଦ କିମ୍ବା ପ୍ରମାଣପତ୍ର, ଅଭିଯୋଗର ବିବରଣୀ, ଅଭିଯୋଗକାରୀଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା ସଂଲଗ୍ନ କରିବା ଆବଶ୍ୟକ । ଡାକ ସେବା ସହ ସମ୍ପର୍କ ନଥିବା ଅଭିଯୋଗ, ଯଥା ନୂତନ ଡାକଘର ଖୋଲିବା, ନୂତନ ପଦବୀ ସୃଷ୍ଟି, ଡାକଘର ଭଡ଼ା କିମ୍ବା ଘର ଭଡ଼ା ସମ୍ବନ୍ଧୀୟ ବିଷୟଗୁଡ଼ିକ ଡାକ ଅଦାଲତର ପରିସରଭୁକ୍ତ ନୁହେଁ । ଏପରି ଅଭିଯୋଗ ନ ପଠାଇବାକୁ ପରାମର୍ଶ ଦିଆଯାଇଛି । ୨୦ ଜୁନ ୨୦୨୬ ପରେ ପ୍ରାପ୍ତ ହେଉଥିବା ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ବୋଲି ସହକାରୀ ନିର୍ଦ୍ଦେଶକ (ଡାକ ସେବା), ପୋଷ୍ଟମାଷ୍ଟର ଜେନେରାଲ କାର୍ଯ୍ୟାଳୟ, ସମ୍ବଲପୁର ଅଂଚଳ ପକ୍ଷରୁ ସୂଚନା ଦିଆଯାଇଛି ।

# "ପଲ୍ଲୀ ଚେତନାରେ ସାହିତ୍ୟର ଭାବ ଫୁଟି ଉଠେ" ଆମ ମାତୃଭାଷା ପରିଷଦର ରଜ ସଂକ୍ରାନ୍ତି ଆସର

ଭଦ୍ରକ : ଆମ ମାତୃଭାଷା ପରିଷଦର ରଜ ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇ ଯାଇଛି । ବିଜ୍ଞାନ ଆକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରହିତ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ । "ସାହିତ୍ୟ ଓ ପଲ୍ଲୀଚେତନାରେ ରଜପର୍ବ" ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ, ସମ୍ମାନନୀୟ ଅତିଥି ସାହିତ୍ୟ ଆକାଡେମୀ ପୁରସ୍କାର ପ୍ରାପ୍ତ ଡ. ଭରତ ଚନ୍ଦ୍ର ଦାଶ, ବରେଣ୍ୟ ଅତିଥି ଅଧକ୍ଷ ନୀହାର ରଞ୍ଜନ କର, ବିଶେଷ ଅତିଥି ପ୍ରାକ୍ତନ ଅଧକ୍ଷ ଶିବଚରଣ ଖାମୁରାଇ,



ଅଧକ୍ଷ କୃପାସିନ୍ଧୁ ନାୟକ, ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧକ୍ଷ ଇଂ ରବିନ୍ଦ୍ର କୁମାର ଜେନା, ପ୍ରାକ୍ତନ ଅଧକ୍ଷ କମଳାକାନ୍ତ ସ୍ୱାଇଁ, ଅଧ୍ୟାପକ ରମାକାନ୍ତ ମହାଲିକ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଲକ୍ଷ୍ମଣ କୁମାର ମହାନ୍ତି, ନାରାୟଣ ଚନ୍ଦ୍ର ପାଢୀ, ସତ୍ୟପ୍ରକାଶ ସେଠୀ ପ୍ରମୁଖ ପଲ୍ଲୀଚେତନା ମଧ୍ୟରେ ଓଡ଼ିଆ ସାହିତ୍ୟର ଅସ୍ମିତାର ଭାବ ନିଗୁଢ ଭାବେ ଅର୍ନ୍ତନିହିତ ହୋଇ ରହିଛି ଓ ପଲ୍ଲୀ ଚେତନା ହିଁ କବିର ଭାବକୁ କବିତାରେ ପରିସ୍ଫୁଟନ କରିଥାଏ । ଏଣୁ ସାହିତ୍ୟ ଓ ପଲ୍ଲୀ ଚେତନାକୁ ପର୍ବ-ପର୍ବାଣୀ ହିଁ ସ୍ୱୟଂ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ ଅଜୟ କର, କବୟିତ୍ରୀ ମାନସୀ ସୂତାର ଓ ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଅଧିବକ୍ତା ରାଖାଲ ଚନ୍ଦ୍ର ସ୍ୱାଇଁ, ଶିଶୁ କବି ଅଂଶୁମାନ ସ୍ୱାଇଁ, ବିଜୟ ଶ୍ରୀ ଗୋକୁଳାନନ୍ଦ ରାଉତ, ବିଜୟ କୁମାର ବହଳୀ, ସଙ୍ଗୀତ ନାଟକ ପୁରସ୍କାର ପ୍ରାପ୍ତ ଗୌରାଙ୍ଗ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ବଳ, କୈଳାସ ଦାସ, ଅଧିବକ୍ତା ମନୋରଞ୍ଜନ ଦାସ, ସରୋଜିନୀ ନାୟକ, ସାବିତ୍ରୀ ବାନାର୍ଜୀ, ନମିତା ରାଣୀ ମହାନ୍ତି, ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା, ମହେଶ୍ୱର ସାହୁ, ନିରଞ୍ଜନ ନାୟକ, ଶ୍ରଦ୍ଧାଞ୍ଜଳି ମିଶ୍ର, ବିପ୍ଳବ କୁମାର ହୋତା, ଶରତ ରାଉତ, ମୁକ୍ତିକାନ୍ତ ଓଝା, ବସନ୍ତ କୁମାର ମହାନ୍ତି ପ୍ରମୁଖ ସ୍ୱରଚିତ ରଜ କବିତା ପାଠ କରିଥିଲେ । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଂଚ ଆହ୍ୱାନ, ଗାୟିକା ଗାୟତ୍ରୀ ଦାଶ ପ୍ରାରମ୍ଭିକ ଭଜନ ପରିବେଷଣ, ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ ଦାଶ ସମ୍ପାଦକୀୟ ପାଠ, ଶେଷରେ ସହସମ୍ପାଦିକା ମମତାରାଣୀ ଦାଶମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ ଠାରେ ଖଡ଼ିଆଳ ବ୍ଲକ ପକ୍ଷରୁ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ସଫଳତାକୁ ଲୋକଙ୍କ ନିକଟରେ ପହଂଚଇବା ଉଦ୍ଦେଶ୍ୟରେ ଖଡ଼ିଆଳ ଠାରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି ।ଏହି ଅବସରରେ ଆୟୋଜିତ ସଭାରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା, ଲୋକ କଲ୍ୟାଣମୂଳକ ପଦକ୍ଷେପ ଓ ଅଂଚଳର ବିକାଶ ଧାରା ଉପରେ ଆଲୋଚନା କରାଯାଇଥିଲା । ବକ୍ତାମାନେ ରାଜ୍ୟର ସାମଗ୍ରିକ ବିକାଶ, ଗ୍ରାମାଂଚଳର ଭିତିଭୂମି ସୁଦୃଢ଼ୀକରଣ, ମହିଳା ସଶକ୍ତିକରଣ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ଅଗ୍ରଗତି ସମ୍ପର୍କରେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସାମାଜିକ କର୍ମୀ ଓ ବହୁ ସଂଖ୍ୟକ ଜନସାଧାରଣ ଯୋଗଦେଇ ବିକାଶମୁଖୀ ଓଡ଼ିଶା ଗଠନରେ ସମସ୍ତଙ୍କ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।ଶେଷରେ ଉପସ୍ଥିତ ଅତିଥିମାନେ ରାଜ୍ୟର ବିକାଶ ଯାତ୍ରାକୁ ଆହୁରି ଆଗକୁ ନେବା ପାଇଁ ସମସ୍ତଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ । ଏଥିରେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ , ବିଡ଼ିଓ ମିଳନ କୁମାର ଝାଙ୍କର, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଫକୀର ମୋହନ ଜଗତ, ବାଳକୃଷ୍ଣ ଶବର, ପୁଷ୍ପାଞ୍ଜଳୀ ପାଣ୍ଡେ, ଜ୍ୟୋତିଲାଲ ବଞ୍ଜାରେ ପ୍ରମୁଖ ଯୋଗଦାନ କରିଥିଲେ ।

# ବିଶିଷ୍ଟ ଆଧ୍ୟାତ୍ମବାଦୀଙ୍କ ପରଲୋକ

ବେତନଟୀ : ( ନି ପ୍ର)ମଙ୍ଗଳବାର ଅପରାହ୍ଣ ୪.୩୦ ମି. ସମୟରେ ବଡ଼ସାହି ବ୍ଲକ୍ ଅନ୍ତର୍ଗତ ବର୍ତନା ଗ୍ରାମର ବିଶିଷ୍ଟ ଅଧ୍ୟାତ୍ମବାଦୀ ଶ୍ରୀଯୁକ୍ତ କମଳାକାନ୍ତ ଜେନା ୮୩ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସ୍ୱର୍ଗତଃ ଜେନା ଜଣେ ବିଶିଷ୍ଟ ମୃଦଙ୍ଗ ବାଦକ ତଥା ଶିକ୍ଷକ ଭାବରେ ବେଶ୍ ଜଣାଶୁଣା ଥିଲେ । ଗ୍ରାମର ଓ ଗ୍ରାମ ବାହାରେ ବିଭିନ୍ନ ପରିବାର ର ଗ୍ରାମ ଓ ପରିବାର ର ବାଦ, ବିବାଦ କୁ ଉଭୟ ପକ୍ଷର ସହମତି କ୍ରମେ ସମାଧାନ କରି ନ୍ୟାୟ ପ୍ରଦାନ କରୁ ଥିଲେ । ବିଭିନ୍ନ ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ଦେବ ଦେବୀ ର ପୂଜା ପୀଠ ଯଜ୍ଞ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ଦାୟିତ୍ୱ ତୁଲାଇବା ସହ ଅଂଶ ଗ୍ରହଣ କରିଥିଲେ । ପ୍ରାୟ ଏକ ବର୍ଷ ଧରି ସେ କିଡନି ଜନିତ ସମସ୍ୟାରେ ଶଯ୍ୟାଶାୟୀ ଥିଲେ । ମୃତ୍ୟୁ ସମୟରେ ତାଙ୍କର ଦୁଇପୁଅ ଚନ୍ଦନ ଓ ବନ୍ଦନ , ଦୁଇ ପୁତ୍ରବଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ସରପଂଚ ଗୋପୀନାଥ ନାଏକ, ପି ଏସ୍ ମେମ୍ବର ନବୀନ ମହାନ୍ତ , ମଣ୍ଡଳ ଯୁବ ବିଜେପି ସଭାପତି ଗଣେଶ ନାଏକ ଓ ଗ୍ରାମ ବାସୀ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ତାଙ୍କ ନିକଟରେ ଥିବା ବିଦ୍ୟା ଲୁପ୍ତ ହୋଇଗଲା ବୋଲି ଗ୍ରାମବାସୀ ଦୁଃଖର ସହିତ ପ୍ରକାଶ କରିଛନ୍ତି । ତାଙ୍କର ପିତା ସ୍ୱର୍ଗତଃ ପୂର୍ଣ୍ଣ ଚନ୍ଦ୍ର ଜେନା ମଧ୍ୟ ବିଶିଷ୍ଟ ସଂକର୍ତନ ଗାୟକ ଓ ଲେଖକ ଥିଲେ । ତାଙ୍କର ମୃତ୍ୟୁ ଏ ଅଂଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି



# କୃଷକ ସମ୍ବାଦ ଉତ୍ସବ ଓ ଜୈବିକ ସାର କର୍ମଶାଳା ଅନୁଷ୍ଠିତ

କଳାହାଣ୍ଡି : ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ବ୍ଲକସ୍ତରୀୟ କୃଷକ ସମ୍ବାଦ ଉତ୍ସବ ଏବଂ ଜୈବିକ ସାର ପ୍ରଶିକ୍ଷଣ କର୍ମଶାଳା ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ସ୍ଥାନୀୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଚଳର ଶତାଧିକ ପ୍ରଗତିଶୀଳ ଚାଷୀ ଓ ମହିଳା କୃଷକ ଅଂଶଗ୍ରହଣ କରିଥିଲେ । ମାଟିର ସ୍ୱାସ୍ଥ୍ୟ ରକ୍ଷା କରିବା ସହ କମ୍ ଖର୍ଚ୍ଚରେ ବିଷମୁକ୍ତ ଖାଦ୍ୟ ଶସ୍ୟ ଉତ୍ପାଦନ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନପ୍ରତିନିଧି ଏବଂ ବ୍ଲକ କୃଷି ଅଧିକାରୀ ନୌକେଶ୍ୱର ନାଗ



ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଉତ୍ସବରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁର ମହାନନ୍ଦ, ଏବିଡ଼ିଓ ବିଜୟ କୁମାର ନାୟକ, ସାଂସଦଙ୍କ ପ୍ରତିନିଧି ପ୍ରସନ୍ନ ରାଉତ, ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ବୈଶାଖୁ କେତକୀ,ବିଜେପି କୃଷକ ମୋର୍ଚ୍ଚା ର ବ୍ଲକ ସଂଯୋଜକ ଜୟନ୍ତ ସିଂ,ବରିଷ୍ଠ ସାମ୍ବାଦିକ ସୁଧିର ପ୍ରସାଦ ସାହୁ ଏବଂ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ମଧ୍ୟ ଉପସ୍ଥିତ ଥିଲେ ।ଏହି ଅବସରରେ କୃଷି ବିଭାଗ ତରଫରୁ ଚାଷୀମାନଙ୍କୁ ଜୈବିକ ସାର, କମ୍ପୋଷ୍ଟ ଏବଂ ଜୀବାମୃତ ପ୍ରସ୍ତୁତି ସମ୍ପର୍କରେ ପ୍ରାୟୋଗିକ ତାଲିମ ପ୍ରଦାନ କରିଥିଲେ । ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଦ୍ୱାରା ମାଟିର ଉର୍ବରତା ନଷ୍ଟ ହେଉଥିବାରୁ, ଚାଷୀମାନେ କିଭଳି ଜୈବିକ ପଦ୍ଧତି ଆପଣେଇ ନିଜର ଆୟ ଦ୍ୱିଗୁଣିତ କରିପାରିବେ, ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଉତ୍ସବରେ ପ୍ରଶାସନ ପକ୍ଷରୁ ସରକାରଙ୍କ ବିଭିନ୍ନ କୃଷି କଲ୍ୟାଣକାରୀ ଯୋଜନା, ସବସିଡି ଓ କୃଷି ଯନ୍ତ୍ରପାତି ଯୋଗାଣ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଥିଲା । ଏହାସହିତ ସହକାରୀ ମତ୍ସ୍ୟ ଅଧିକାରୀ ବନ୍ଦନା ରାଣୀ ପଣ୍ଡା ମତ୍ସ୍ୟ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ସୂଚନା ଦେଇଥିବା ବେଳେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ ମଞ୍ଜୁଲତା ବାଗ ଗାଈ ଓ ଛେଳି ଚାଷ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଶେଷରେ ଅଂଚଳର ସଫଳ ଚାଷୀ କୃଷ୍ଣଚନ୍ଦ୍ର ନାଗ,ବ୍ରଜମୋହନ ସିଂ ,କୃଷ୍ଣ ସୁନାନୀ,ମନ୍ଦାକିନି ପ୍ରଧାନ,ଲିଙ୍ଗରାଜ ଭୋଇ,ନିବେଦନ ସାହୁ ଙ୍କ ସମେତ କେତେକ ସଫଳ ଚାଷୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଏହି ସମ୍ବାଦ ଉତ୍ସବ ସ୍ଥାନୀୟ ଅଂଚଳରେ ଜୈବିକ ଚାଷର ଏକ ନୂଆ ଜାଗରଣ ସୃଷ୍ଟି କରିବ ବୋଲି ଆଶା ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଂଚଳର ବହୁ ଚାଷୀ ଉପସ୍ଥିତ ଥିଲେ ।

# ରକ୍ତଦାନ ଶିବିର ଆୟୋଜିତ

ଜୟପୁର :( (ହି.ସ.) - ୨୦୨ କୋବ୍ରା ବାଟାଲୟନ ଦ୍ୱାରା ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ସୁନାବେଡା ସ୍ଥିତ ୨୦୨ କୋବ୍ରା ବାଟାଲିୟନ ପରିସରରେ ଏକ ' ସ୍ୱେଚ୍ଛାକୃତ ରକ୍ତଦାନ ଶିବିର' ଆୟୋଜିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବରେ ବରିଷ୍ଠ କମାଣ୍ଡାଂଟ ଅମିତ୍ କୁମାର ରିବନ କାଟି ଶିବିର ଉଦ୍ଘାଟନ କରିଥିଲେ ।ମୁଖ୍ୟ ଅତିଥି ଶ୍ରୀ କୁମାର ରକ୍ତଦାନ ଦ୍ୱାରା ଆମର ଫାଇଦା ହେଇ ଥାଏ ଓ କୋରାପୁଟ ମେଡ଼ିକାଲ କଲେଜରେ ରକ୍ତର ଅଭାବ ବିଷୟ ରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ କମାଣ୍ଡାଂଟ ରକ୍ଷଜୁକୁମାର , ଡେପୁଟି କମାଣ୍ଡଟଂ ହରି ସିଂ,ଡ଼ାଃ ଶେଖ୍ ଇମ୍ରାନ୍, ଡ଼ାଃ ପ୍ରଣଥି ଓ ଏଫ୍ ବି ଡି ଓ ର ରାଜ୍ୟ କାର୍ଯ୍ୟକାରୀ ସଭାପତି ଡଃ ନରେଶ ଚନ୍ଦ୍ର ସାହୁ ଓ ଜିଲ୍ଲା ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଓ ଉପସଭାପତି ଜୟ ବକ୍ଷଡ଼ତ୍ୟା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସହୀଦ ଲକ୍ଷ୍ମଣ ନାୟକ ବ୍ଲଡ ସେ[ର୍ ଅଫିସର ଡଃ ଏମ୍ ଏସ. ବଳିଆରସିଂହ ଓ ଓଡ଼ିଶା ରକ୍ତଦାତା ମହାସଂଘର ପ୍ରଦୀପ କୁମାର ତ୍ରିପାଠୀ ତତ୍ୱାବଧାନରେ ବ୍ଲଡ ସେଂଟରର ରକ୍ତ ସଂଗ୍ରହକାରୀ ରଞ୍ଜିତ୍ ସାହୁ, ଗୀତା ପରିଡ଼ା ଓ ସଞ୍ଜୟ ସିଂହ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଉକ୍ତ ଶିବିରରେ ବହୁସଂଖ୍ୟାରେ ଯବାନ ସ୍ୱେଚ୍ଛାକୃତ ଭାବେ ପ୍ରଥମ ଥର ପାଇଁ ରକ୍ତଦାନ ରକ୍ତଦାନ କରିଥିଲେ । ଉକ୍ତ ଶିବିରକୁ ଶଙ୍କରଲାଲ୍ ମୀନା, ଇରଫାନ୍ କ୍ୟୁରେସି ଓ ଜୟ ବାଡ଼ିତ୍ୟା ପରିଚାଳନା କରିଥିଲେ । ଉକ୍ତ ଶିବିରରୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟସ୍ଥିତ ଓଡ଼ିଶା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୨୬ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା ।ରକ୍ତ ଶିକୁଳି ରୋଗୀ ମାନଙ୍କ ପାଇଁ ରକ୍ତ ର ଘୋର ଆବଶ୍ୟକତା ସମୟ ରେ କୋବ୍ରା ବାଟାଲିୟନ (ସ୍ୱେଚ୍ଛାସେବୀ ମାନଙ୍କ )ଏହି ମହନୀୟ କାର୍ଯ୍ୟକୁ ଓଡ଼ିଶା ରକ୍ତଦାତା ମହାସଂଘ ର ସଭାପତି ଡଃ ନରେଶ ଚନ୍ଦ୍ର ସାହୁ ଖୁବ୍ ପ୍ରଶଂସା କରିଥିଲେ । ଓଡିଶା ରକ୍ତଦାତା ମହାସଂଘ ତରଫରୁ ଆୟୋଜକ ଡ଼ଃ ସେକ ଇମ୍ରକ୍ଷନ୍ ଡେପୁଟୀ କମାଣ୍ଡକ୍ଷନ୍ଟଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।

# ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ସମ୍ବଲପୁର ପୌର ପରିଷଦର ଆହ୍ୱାନ

ସମ୍ବଲପୁର : (ହି.ସ.) - ସମ୍ବଲପୁର ପୌର ପରିଷଦ ପକ୍ଷରୁ ସଫେଇ କର୍ମଚାରୀ ନିଯୁକ୍ତି ପାଇଁ ଆବେଦନ ଆହ୍ୱାନ କରାଯାଇଛି । ପୌର ପରିଷଦର ଜେନେରାଲ୍ କାର୍ଯ୍ୟାଳୟ ପରିସରରେ ଆସନ୍ତା ୨୫ ଜୁନ ୨୦୨୬ ତାରିଖ ସକାଳ ୧୧ଟାରେ ପ୍ରାର୍ଥୀମାନଙ୍କର ପ୍ରତ୍ୟକ୍ଷ ସାକ୍ଷାତକାର (ଇଂଟରଭ୍ୟୁ) ଅନୁଷ୍ଠିତ ହେବ । ବିଜ୍ଞପ୍ତି ଅନୁଯାୟୀ, ଆବେଦନକାରୀଙ୍କୁ ଭାରତର ନାଗରିକ ହେବା ସହିତ ଶାରୀରିକ ଭାବେ ସୁସ୍ଥ ଓ କାର୍ଯ୍ୟକ୍ଷମ ହେବା ଆବଶ୍ୟକ । ପ୍ରାର୍ଥୀମାନେ ନିଜର ବୟସ ପ୍ରମାଣପତ୍ର, ଶିକ୍ଷାଗତ ଯୋଗ୍ୟତା ସନଦ ଏବଂ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ସହିତ ୨୦ ଜୁନ ୨୦୨୬ ସୁଦ୍ଧା ସମ୍ବଲପୁର ପୌର ପରିଷଦର ଜେନେରାଲ୍ କାର୍ଯ୍ୟାଳୟରେ ଆବେଦନ ଦାଖଲ କରିବାକୁ ପଡ଼ିବ । ସଫେଇ କର୍ମଚାରୀଙ୍କ ଦାୟିତ୍ୱ ମଧ୍ୟରେ ଡ୍ରେନ୍ ସଫା, ରାସ୍ତା ଓ ସାର୍ବଜନିକ ସ୍ଥାନର ପରିଷ୍କାର-ପରିଚ୍ଛନ୍ନତା ଭଳି କାର୍ଯ୍ୟ ସାମିଲ ରହିବ । ନିର୍ଦ୍ଧାରିତ ସମୟ ପରେ ଦାଖଲ ହୋଇଥିବା ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ବୋଲି ପୌର ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା

ନୟାଗଡ -ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ବାହାରି ନୟାଗଡ ସହର ପରିକ୍ରମା କରିବାସହ ଜିଲ୍ଲାର ବିଭିନ୍ନ ବ୍ଲକରେ ଶିଶୁ ଶ୍ରମିକ ନିୟୋଜିତ ନ କରିବାପାଇଁ ପ୍ରଚାର କରିଥିଲା । ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କୌଣସି ବିପଦଜନକ କାର୍ଯ୍ୟରେ ନଲଗାଇବାପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା । ନୟାଗଡ଼ର ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପତାକା ଦେଖାଇ ଉଦ୍ଘାଟନ କରିଥିବା ବେଳେ, ପ୍ରଭାଗୀୟ ଶ୍ରମ ଆଯୁକ୍ତ ତେଜ କୁମାର ବାଗେ କାର୍ଯ୍ୟକ୍ରମର




ପରିଚାଳନା କରିଥିଲେ । ଏହି ସଚେତନତା ଶୋଭାଯାତ୍ରାରେ ଜିଲ୍ଲା ଶିଶୁ ସୁରକ୍ଷ୍ୟା ୟୁନିଟର ଅଧିକାରୀ, ଯଥାକ୍ରମେ ଅତିରିକ୍ତ ଶ୍ରମ ଅଧିକାରୀ ଜ୍ଞାନରଞ୍ଜନ ସାହୁ, ସୁଶ୍ରୀ ପୂଜାଜାରିନ ସାମଲ,ଶ୍ରୀମତୀ ଜୟଶ୍ରୀ ଦଳେଇ, ସୁଶ୍ରୀ ଲୋୟେସା ସିଂ, ଆଶୁତୋଷ କୁମାର ସାମଲ, ନିରୋଜ କୁମାର ବଡ଼ଜେନା, ରମାକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ 'ନୟାଗଡ଼ ଜିଲ୍ଲା ଟ୍ରେଡ଼ ୟୁନିଅନ ସମନ୍ୱୟ କମିଟି'ର ଅଧକ୍ଷ୍ୟ ଶୂନ୍ୟଜୟୀ ମିଶ୍ର, ମହାସଚିବ ବସୁଦେବ ମହାନ୍ତି, ବରିଷ୍ଠ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ପ୍ରମୋଦ ମହାରଣା, ରଘୁନାଥ ମହାରଣା, ବସନ୍ତ କୁମାର ସାହୁଙ୍କ ସମେତ ୨୦ଜଣ ଟ୍ରେଡ଼ ୟୁନିଅନ କର୍ମକର୍ତା ଯୋଗଦେଇଥିଲେ ।

# ନାରୀ ଶକ୍ତିର ପ୍ରଗତିରେ ବିକଶିତ ଭାରତର ଅଗ୍ରଗତି


ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ଆଜି ଦେଶର ଯେକୌଣସି ଦୂରଦୂରାନ୍ତ ଗାଁ, ପଲ୍ଲୀ ଅବା ଜନବସତିକୁ କିମ୍ବା ସୁଦୂର କୋଣ ଅନୁକୋଣକୁ ବୁଲି ଯାଆନ୍ତୁ ଏବଂ ସେଠାରେ ବସବାସ କରୁଥିବା ଲୋକମାନଙ୍କ ରୋଷେଇ ଘରକୁ ଭଲ ଭାବରେ ଦେଖନ୍ତୁ । ପାରମ୍ପରିକ ଚୁଲିରୁ ଧୂଆଁ କୁଆଡ଼େ ହଜିଯାଇଛି ।ଯେଉଁଠାରେ ଦିନେ ଏକ ଜାଳେଣି ଚୁଲାର ଧୂଆଁ ଜଣେ ନବବଧୂର ଆଖିରୁ ଗଡ଼ି ଯାଉଥିଲା । ସେଠାରେ ଏକ ଉଜ୍ଜ୍ୱଳା ଶିଖା ଏବେ ସ୍ୱଚ୍ଛ ଏବଂ ନୀଳ ରଙ୍ଗରେ ଜଳୁଛି । ତାଙ୍କ ଶାଶୂଙ୍କୁ ପୂର୍ବରୁ ଦୂର ହ୍ୟାଣ୍ଡପମ୍ପରୁ ଯେଉଁ ବାଲଟିରେ ପାଣି ବୋହିବାକୁ ପଡୁଥିଲା ତାହା ବର୍ତ୍ତମାନ 'ହର ଘର ଜଳ ଟ୍ୟାପ୍' ଦ୍ୱାରା ବଦଳି ଯାଇଛି । ଘର ପଛପଟର ଖୋଲା ପଡ଼ିଆ ଏବେ ଆଉ ତାଙ୍କର ଏକମାତ୍ର ବିକଳ୍ପ ହୋଇ ରହିନାହିଁ; ବରଂ ଅଗଣାରେ ଏକ 'ସ୍ୱଚ୍ଛ ଭାରତ' ଶୌଚାଳୟ ଶୋଭା ପାଉଛି । ତାଙ୍କ ମୁଣ୍ଡ ଉପରେ ପକ୍କା ଛାତ ତାଙ୍କ ନାମରେ ପଞ୍ଜିକୃତ । ତାଙ୍କ ପାଖରେ ଏକ ଜନ ଧନ ଜମାଖାତା, ତାଙ୍କ ଫୋନରେ ଏକ ୟୁ.ପି.ଆଇ. ଆପ୍ ଏବଂ ତାଙ୍କ ହାତ ପାଆନ୍ତାରେ, କେତେବେଳେ, ଜଣେ ଲକ୍ଷପତି ଦିଦିଙ୍କ ନଜର ରହିଛି, ଯିଏ ଏବେ ନିଜ ସ୍ୱାମୀଙ୍କଠାରୁ ଅଧିକ ରୋଜଗାର କରନ୍ତି । ଏହା କୌଣସି ପୋଷ୍ଟରରେ ମୁଦ୍ରିତ କିଛି କାଳ୍ପନିକ ଚିତ୍ର ନୁହେଁ । ଏହା ମୋଦୀ ସରକାରଙ୍କ ବାର ବର୍ଷ ଧରି ମହିଳା ସଶକ୍ତିକରଣର ଏକ ବାସ୍ତବ ସତ୍ୟ - ଯାହା କୋଟି କୋଟି ଭାରତୀୟ ମହିଳା ପ୍ରତିଦିନ ବଂଚୁଛନ୍ତି । ଏହା ଏପରି ଏକ ସମୟର କାହାଣୀ ଯେଉଁଠାରେ ମହିଳା ନେତୃତ୍ୱାଧୀନ ବିକାଶର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ ଭାରତୀୟ ମହିଳାମାନେ ଏକ ବିକଶିତ ଭାରତର ସ୍ଥପତି ହେବାରେ ଲାଗିଛନ୍ତି । ଏହାକୁ ୨୦୧୪ ମସିହା ପୂର୍ବ ଦଶନ୍ଧି ସହିତ ତୁଳନା କରନ୍ତୁ ।୨୦୦୭-୦୯ ମସିହାରେ, ଭାରତର ମାତୃ ମୃତ୍ୟୁ ଅନୁପାତ ପ୍ରତି ଏକ ଲକ୍ଷ ଜନ୍ମରେ ୨୧୨ ଜଣ ଶିଶୁ ମୃତ୍ୟୁ ବରଣ କରୁଥିଲେ ।ନିର୍ଭୟା ଭଳି ଏକ ଦୁଃଖଦ ଘଟଣା ପାଇଁ ଦେଶର ଦୁଃଖ ବିଚ୍ ସଡ଼କ ଉପରେ ପଡ଼ିଥିଲା, ତଥାପି ସେତେବେଳର ବ୍ୟବସ୍ଥା ନୀତିଗତ ଇଚ୍ଛାଶକ୍ତି ଏବଂ ସମ୍ବେଦନଶୀଳତାର ଅଭାବକୁ ପ୍ରତ୍ୟାଖ୍ୟାନ କରିଥିଲା । ୧୯୯୬ ମସିହାରେ ପ୍ରଥମେ ପ୍ରବର୍ତ୍ତିତ ମହିଳା ସଂରକ୍ଷଣ ବିଲ୍ ଚାରିଥର ଅସଫଳ ହେବାକୁ ଦିଆଯାଇଥିଲା ।ଦଶନ୍ଧି ଦଶନ୍ଧି ଧରି ତିନି ତଲାକ ଉପରେ କୌଣସି ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା । ଚୁଲା ଜଳୁଥିଲା । ହ୍ୟାଣ୍ଡପମ୍ପ ଚିତ୍କାର କରୁଥିଲା ଏବଂ ମହିଳାମାନଙ୍କୁ ଅପେକ୍ଷା କରି ରହିବାକୁ ପଡୁଥିଲା ।ସର୍ବାଧିକ ସଫଳ ସୂଚକ ସହିତ ଆରମ୍ଭ କରିବା: ପ୍ରସବ ସମୟରେ ବଂଚି ରହିବା ପାଇଁ ଜଣେ ଭାରତୀୟ ମହିଳାଙ୍କର ଅଧିକାର । ଭାରତର ମାତୃ ମୃତ୍ୟୁ ହାର ୨୧୨ ରୁ ୮୮ କୁ ବହୁ ପରିମାଣରେ ହ୍ରାସ ପାଇଛି । ମିଳିତ ଜାତିସଂଘ-ଏମ.ଏମ.ଇ.ଆଇ.ଜି ଅନୁଯାୟୀ, ବିଶ୍ୱସ୍ତରରେ ମାତୃ ମୃତ୍ୟୁ ହାର ମାତ୍ର ୪୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଭାରତ ଏକ ଐତିହାସିକ ୮୬ ପ୍ରତିଶତ ହ୍ରାସ ରେକର୍ଡ କରିଛି । ଆନୁଷ୍ଠାନିକ ପ୍ରସବ ୩୮.୭ ପ୍ରତିଶତରୁ ୯୦.୬ ପ୍ରତିଶତକୁ ବୃଦ୍ଧି ପାଇଛି ।ବର୍ତ୍ତମାନ ପ୍ରତି ଦଶ ଜଣ ଭାରତୀୟ ମହିଳାଙ୍କ ମଧ୍ୟରୁ ପ୍ରାୟ ନଅ ଜଣ ଡାକ୍ତରଖାନାରେ, ପ୍ରଶିକ୍ଷିତ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ସନ୍ତାନ ପ୍ରସବ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମାଧ୍ୟମରେ ଚାରି କୋଟିରୁ ଅଧିକ ମା'ଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ୨୦,୦୦୦ କୋଟିରୁ ଅଧିକ ଟଙ୍କା ସ୍ଥାନାନ୍ତର କରାଯାଇଛି ।ଆଜିର ଭାରତରେ ପ୍ରଥମ ଗର୍ଭଧାରଣ ଆଉ ମୃତ୍ୟୁ ସହିତ ଏକ ଭାଗ୍ୟର ଖେଳ ହୋଇ ରହିନାହିଁ । ସାରା ଦେଶରେ ନିର୍ମିତ ୧୨ କୋଟିରୁ ଅଧିକ ଘରୋଇ ଶୌଚାଳୟ ମହିଳାଙ୍କୁ ସମ୍ମାନ ଦେଇଛି । ୧୦.୫ କୋଟିରୁ ଅଧିକ ଉଜ୍ଜ୍ୱଳା ସଂଯୋଗ ସେମାନଙ୍କୁ ସବୁଦିନ ପାଇଁ ଧୂଆଁରୁ ମୁକ୍ତ କରିଛି ।ଆଜି ୧୬ କୋଟିରୁ ଅଧିକ ପରିବାରକୁ ନଳ ଯୋଗେ ସୁରକ୍ଷିତ ପାନୀୟଜଳ ପହଂଚିଛି - ଯାହା ୨୦୧୪ ମସିହାରେ ମାତ୍ର ୧୭ ପ୍ରତିଶତ ପରିବାର ନିକଟରେ ଥିଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ନିର୍ମିତ ପ୍ରାୟ ୪ କୋଟି ବାସଗୃହ ମଧ୍ୟରୁ ୭୩ ପ୍ରତିଶତ ମହିଳାଙ୍କ ନାମରେ ରହିଛି । ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ, ଆମର ମା' ଏବଂ ଭଉଣୀମାନଙ୍କ ନାମ ସରକାରୀ ରେକର୍ଡରେ ଗର୍ବର ସହିତ ଲିପିବଦ୍ଧ ହୋଇଛି ।ମର୍ଯ୍ୟାଦାରୁ ମାଲିକାନା ଆସିଛି ଏବଂ ମାଲିକାନା ନିଷ୍ପତ୍ତି ନେବା ପାଇଁ ମହିଳାମାନଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିଛି ।ଆର୍ଥିକ କର୍ମରେ ଅଂଶଗ୍ରହଣର ଏହି ପ୍ରସାରଣ ବ୍ୟାଙ୍କ ଆକାଉଂଟରୁ ଉଦ୍ୟୋଗୀତା ପର୍ଯ୍ୟନ୍ତ ପହଂଚିଛି । ପ୍ରାୟ ୫୬ କୋଟି ଜନ ଧନ ଆକାଉଂଟ ମଧ୍ୟରୁ, ୫୬ ପ୍ରତିଶତ ମହିଳାଙ୍କ ନାମରେ ଅଛି । ବିଶ୍ୱ ବ୍ୟାଙ୍କ ଏହା ସ୍ୱୀକାର କରିଛି ଯେ ଭାରତ ଏକ ଦଶନ୍ଧି ମଧ୍ୟରେ ଜମାଖାତା ମାଲିକାନା କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟକୁ ଶୂନ୍ୟ କରିଛି - ଏହା ବିଶ୍ୱ ଆର୍ଥିକ ଅନ୍ତର୍ଭୁକ୍ତିରେ ଏକ ପୂର୍ବ ଉଦାହରଣ ହୋଇ ରହିନାହିଁ ।୫୨ କୋଟିରୁ ଅଧିକ ସଂଲଗ୍ନ-ମୁକ୍ତ ମୁଦ୍ରା ଋଣ ମଧ୍ୟରୁ, ୬୮ ପ୍ରତିଶତ ମହିଳାଙ୍କ ନିକଟକୁ ଯାଇଛି । ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ମହିଳା ଉଦ୍ୟୋଗୀମାନଙ୍କୁ ୪୩,୦୦୦ କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରିଛି ଏବଂ ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନ (ଡେ-ଏନ.ଆର.ଏଲ.ଏମ.) ଅଧୀନରେ ୯୧ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ୧୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ସଂଗ୍ରହ କରିଛନ୍ତି । ନିର୍ଦ୍ଧାରିତ ସମୟ ପୂର୍ବରୁ, ୩ କୋଟି ଭଉଣୀ ଲକ୍ଷପତି ଦିଦି ହୋଇସାରିଛନ୍ତି । ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଏହି ପରିବର୍ତ୍ତନ ସ୍ପଷ୍ଟ । ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦୧୭-୧୮ ମସିହାରେ ୨୩.୩ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୩-୨୪ରେ ୪୧.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯଦ୍ୟପି ଗ୍ରାମାଂଚଳରେ ଏହା ୪୭.୬ ପ୍ରତିଶତ ଛୁଇଁଛି । ସୁକନ୍ୟା ସମୃଦ୍ଧି ଯୋଜନା ଅଧୀନରେ, ୪.୫୩ କୋଟି ଜମାଖାତାରେ ୩.୩୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା ହୋଇଛି ।ଉଚ୍ଚଶିକ୍ଷାରେ, ଆମର ଲିଙ୍ଗଗତ ସମାନତା ସୂଚକାଙ୍କ ଗୋଟିଏ ମାଇଲଖୁଣ୍ଟ ଅତିକ୍ରମ କରିଛି, ଏବଂ ଷ୍ଟେମ୍ ଶିକ୍ଷାରେ ଝିଅମାନେ ୪୩ ପ୍ରତିଶତ ନାମଲେଖା ସହିତ, ଭାରତ ବିଶ୍ୱର ପ୍ରଥମ ସ୍ଥାନରେ ରହିଛି । ଏହି ପରିବର୍ତ୍ତନ କେବଳ ଜୀବନ ଅଭିଜ୍ଞତାରେ ନୁହେଁ ବରଂ ରେକର୍ଡରେ ମଧ୍ୟ ଦେଖାଯାଏ – ଏସ.ଆର.ଏଲ., ଏନ.ଏଫ.ଏଚ.ଏସ., ପି.ଏଲ.ଏଫ.ଏସ. ବିଶ୍ୱ ବ୍ୟାଙ୍କ ଏବଂ ଜାତିସଂଘ ସମସ୍ତେ ସମାନ ଭାବରେ ସୂଚିତ କରନ୍ତି: ଭାରତୀୟ ମହିଳାମାନଙ୍କ ପାଇଁ, ପ୍ରବେଶ ବିସ୍ତାରିତ ହୋଇଛି ଏବଂ ଆତ୍ମନିର୍ଭରଶୀଳତା ଆସିଛି । ଏହି ସମାନ ଅର୍ଥନୈତିକ ଏବଂ ସାମାଜିକ ଜାଗରଣ ଏବେ ରାଜନୈତିକ ଏବଂ ଗଣତାନ୍ତ୍ରିକ ଅଂଶଗ୍ରହଣରେ ଦୃଶ୍ୟମାନ ହେଉଛି । ୨୦୧୯ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ, ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ଅନୁପାତରେ ଭୋଟ ଦେଇଥିଲେ । ୨୦୨୪ ଲୋକସଭା ନିର୍ବାଚନରେ, ୩୧.୨ କୋଟି ମହିଳା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ - ଯାହା ବିଶ୍ୱର ଯେକୌଣସି ଦେଶର ମହିଳାଙ୍କ ତୁଳନାରେ ସର୍ବାଧିକ । ଏହି ଆତ୍ମାରେ ଦୀର୍ଘଦିନ ଧରି ପଡ଼ି ରହିଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ଐତିହାସିକ ସର୍ବସମ୍ମତି ସହିତ ସଂସଦରେ ଗୃହୀତ କରାଯାଇଥିଲା ।ଆଜି, ୧୪.୫ ଲକ୍ଷରୁ ଅଧିକ ନିର୍ବାଚିତ ମହିଳା ପ୍ରତିନିଧି ଆମର ପଂଚାୟତଗୁଡ଼ିକର ନେତୃତ୍ୱ ନେଉଛନ୍ତି । ବର୍ତ୍ତମାନ ମହିଳାମାନେ ରାଫେଲ ଲଢୁଆ ବିମାନ ଉଡ଼ାଉଛନ୍ତି । ମହିଳାମାନେ ଯୁଦ୍ଧଜାହାଜ ପରିଚାଳନା କରୁଛନ୍ତି । ମହିଳା କ୍ୟାଡେଟମାନେ ଜାତୀୟ ପ୍ରତିରକ୍ଷା ଏକାଡେମୀରୁ ଉତୀର୍ଣ୍ଣ ହେବାର ସୁଯୋଗ ପାଇପାରିଛନ୍ତି । ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ଆଇନ, ୨୦୧୯ ତିନି ତଲାକ ବ୍ୟବସ୍ଥା ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ଆଣିଛି, ଯାହା ଦେଶରେ ଏପରି ମାମଲାକୁ ୮୨ ପ୍ରତିଶତ ହ୍ରାସ କରିଛି । ଦେଶବ୍ୟାପୀ ୯୭୩ଟି ୱାନ୍ ଷ୍ଟପ୍ ସେଂଟରରେ, ସଙ୍କଟର ସମ୍ମୁଖୀନ ହେଉଥିବା ମହିଳାମାନେ ଏବେ ଗୋଟିଏ ଛାତ ତଳେ ଚିକିତ୍ସା ସେବା, ଆଇନଗତ ସହାୟତା ଏବଂ ପରାମର୍ଶ ପାଇପାରୁଛନ୍ତି । ମହିଳା ହେଲ୍ପଲାଇନ୍ ୧୮୧ ଏକ କୋଟିରୁ ଅଧିକ ମହିଳାଙ୍କୁ ସହାୟତା କରିଛି ।ମିଶନ ଶକ୍ତି, ମିଶନ ବାତ୍ସଲ୍ୟ ଏବଂ ସକ୍ଷମ ଅଙ୍ଗନୱାଡ଼ି ଏକ ନାରୀ-ନେତୃତ୍ୱାଧୀନ ଭାରତର ମେରୁଦଣ୍ଡ ଗଠନ କରିଛି । ଏହାସତ୍ତ୍ୱେ ଏବେ ସୁଦ୍ଧା ଅନେକ ଆହ୍ୱାନ ଅଛି ଏବଂ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ ସେସବୁର ମୁକାବିଲା ନିମନ୍ତେ କାର୍ଯ୍ୟ କରୁଛନ୍ତି । ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଗାମୀ ନିର୍ବାଚନ ସୀମା କ୍ଷେତ୍ର ନିର୍ଦ୍ଧାରଣ ଅପେକ୍ଷାରେ ରହିଛି । ଆମ ପ୍ରଜାତନ୍ତ୍ରର ଇତିହାସରେ ପ୍ରଥମ ଥର ପାଇଁ, ଭାରତୀୟ ମହିଳା - ନୀତି ନିର୍ଦ୍ଧାରଣ ଟେବୁଲରେ - ଆଉ କେବଳ ଜଣେ ଜଣେ ଲାଭାର୍ଥୀ ନୁହଁନ୍ତି ବରଂ ଏହାର ସକ୍ରିୟ ସହ-ସୃଜକର ଭୂମିକା ନିର୍ବାହ କରୁଛନ୍ତି । ସେମାନେ ଆଉ ରାଷ୍ଟ୍ର ନିର୍ମାଣ କାର୍ଯ୍ୟର ଦର୍ଶକ ନୁହଁନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ସେମାନେ ଏହାର ଅଂଶୀଦାର, ଏହାର ସହ-ନିର୍ମାତା ଏବଂ ଏହାର ରଚନାକାର ପାଲଟିଛନ୍ତି ।

*(ଲେଖିକା ଭାରତ ସରକାରଙ୍କ କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ)*

# ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ



ଖୋର୍ଦ୍ଧା(ନିପ୍ର): ଏକ ମନୋଜ୍ଞ ପରିବେଶ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ର ବାର୍ଷିକ ଉତ୍ସବ ୨୦୨୬ ଜିଲ୍ଲା ସଦର ମହକୁମା ପୌରପରିଷଦ ଟାଉନ୍ ହଲ୍ ଠାରେ ପାଳିତ ହୋଇଯାଇଅଛି କ୍ଷ ଅନୁଷ୍ଠାନର ସ୍ଥାୟୀ ସଭାପତି ବିଶ୍ୱନାଥ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରି କହିଲେ ଜିଲ୍ଲା ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ ଙ୍କ ନିରନ୍ତର ପ୍ରଚେଷ୍ଟା ଫଳରେ ଆଜିର କାର୍ଯ୍ୟକ୍ରମ ସଫଳ ହୋଇଛି କ୍ଷ ନାଟକ ମନୋରଞ୍ଜନ କରିବା ସହ ସାଂସ୍କୃତିକ, ଆଧ୍ୟାତ୍ମିକ, ଚେତନା ଜାଗ୍ରତ କରିଥାଏ, ମନୁଷ୍ୟର ଏବଂ ବ୍ୟକ୍ତିର ମାନସିକ ଭାର କମାଇବା ସହ ବ୍ୟକ୍ତିର ଦକ୍ଷତା ବିକାଶରେ ସହାୟକ ହୋଇଥାଏ ।ନାଟ୍ୟ ପଂଚମ ବେଦ ଭରତ ମୁନି ଙ୍କ ଅବଦାନ ବୋଲି ସେ ପ୍ରକାଶ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା, ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ସ୍ୱାସ୍ଥ୍ୟ ହିଁ ସମ୍ପଦ, ପ୍ରତ୍ୟେକ ବ୍ୟକ୍ତି ମନୋରଞ୍ଜନ ସହ କିଛି ବାହ୍ୟ ଜଗତର ଆନନ୍ଦ ପାଇଁ କ୍ରୀଡ଼ା ଓ ଯୋଗ ଭଳି କାର୍ଯ୍ୟର ଆବଶ୍ୟକତା ଅଛି ଯାହା ମୋବାଇଲ ଭଳି କେତେକ ନାକାରାତ୍ମକ ଅଭ୍ୟାସରୁ ଦୂର କରିଥାଏ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ଯୋଗଦେଇ ଓଡ଼ିଶାର ନାଟ୍ୟ କଳାର ଉପଯୋଗିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଚଳ ଚିତ୍ର ନିର୍ଦ୍ଦେଶକ, ସୁବାଷ ଚନ୍ଦ୍ର ରଥ, ଯୁଗ ସ୍ରଷ୍ଟା ସ୍ମରଣିକା ଡାକ୍ତର ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଅନୁଷ୍ଠାନର ଉପ ସଭାପତି ବିରଂଚି ନାରାୟଣ ସାହୁ, ସମ୍ପାଦକ ଗିରିଶ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ଅତିଥି ସ୍ମୃତିଣିକା 'ଯୁଗ ସ୍ରଷ୍ଟା' ଉନ୍ମୋଚନ କରିଥିଲେ । ସେହିପରି ସାହିତ୍ୟ, ସଂସ୍କୃତି, ସାମାଜିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ମେମେଂଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଜାଇଥିଲା । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଙ୍କୁ ଉତରୀୟ ଓ ସ୍ମୃତି ଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ସମସ୍ତ ଅତିଥି ମାନଙ୍କୁ ଉତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ପରେ ନାଟକ ବଂଶ ବୈଭବ ପରିବେଷଣ କରାଯାଇଥିଲା ।

# ମଣ୍ଡିର ଧାନ ବିକ୍ରି ପାଇଁ ପ୍ରଶାସନିକ ଦୃଢ଼ ଗ୍ରହଣ ନିମନ୍ତେ ଆମରଣ ଅନଶନ



ଜଳେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକରେ ଚଳିତ ରବି ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଥିବା ବେଳେ ମଣ୍ଡିଗୁଡ଼ିକରେ ଧାନ କିଣା ବିଶେଷ ଆଗେଇ ପାରୁ ନଥିବା ଦେଖିବାକୁ ମିଳିଛି । ସରକାରୀ ତଥ୍ୟ ଅନୁଯାୟୀ,ଅଂଚଳର ପ୍ରମୁଖ ପ୍ୟାକ୍ସ ଅନ୍ତର୍ଗତ ଜ୍ୟୋତିଜଙ୍ଗମ ଏବେ ବି ଶତାଧିକ ଚାଷୀ ନିଜର ଧାନ ବିକ୍ରି କରି ନପାରି ଅପେକ୍ଷା କରି ରହିଛନ୍ତି ।ଟୋକନ ଅବଧି ଶେଷ ହେବା ପୂର୍ବରୁ ସମସ୍ତ ଚାଷୀଙ୍କ ଧାନ ସଂଗ୍ରହ କରାଯିବ କି ନାହିଁ, ସେ ନେଇ ଚାଷୀକୂଳ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି । ?ପ୍ରାପ୍ତ ରିପୋର୍ଟ ଅନୁସାରେ,ଜୁନ ୧୭ ତାରିଖ ସୁଦ୍ଧା ଜ୍ୟୋତିଜଙ୍ଗମ ଏବଂ ଖାଲିନା ପିପିସି ର ସ୍ଥିତି ନିମ୍ନରୂପେ ରହିଛି । ଜ୍ୟୋତିଜଙ୍ଗମ ପିପିସି ଅଧୀନରେ ମୋଟ ୩୮୧ ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ପାଇଁ ସମୁଦାୟ ୧୨,୫୧୧ କ୍ୱିଂଟାଲ ଧାନର ଟୋକନ ଜାରି କରାଯାଇଥିଲା ।ମାତ୍ର ବର୍ତ୍ତମାନ ସୁଦ୍ଧା ମାତ୍ର ୧୦୮ ଜଣ ଚାଷୀ ୩,୪୯୫.୧୫ କ୍ୱିଂଟାଲ ଧାନ ବିକ୍ରି କରିପାରିଛନ୍ତି । ଫଳରେ ଏବେ ମଧ୍ୟ ୨୭୩ ଜଣ ଚାଷୀ ଧାନ ବିକ୍ରିରୁ ବଂଚିତ ଥିବା ବେଳେ ପ୍ରାୟ ୯,୦୮୫.୮୫ କ୍ୱିଂଟାଲ ଧାନ କ୍ରୟ ହେବାକୁ ବାକି ରହିଛି ।ସେହିପରି ଖାଲିନା ମଣ୍ଡିରେ ମୋଟ ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୩୬୭ ରହିଥିବା ବେଳେ ସେମାନଙ୍କ ପାଖକୁ ୧୨,୩୯୬ କ୍ୱିଂଟାଲ ଧାନର ଟୋକନ ଆସିଥିଲା । ତେବେ ଏଠାରେ ମଧ୍ୟ ମନ୍ଥର ଗତିରେ ଧାନ କିଣା ଚାଲିଥିବାରୁ ଏ ପର୍ଯ୍ୟନ୍ତ କେବଳ ୮୮ ଜଣ ଚାଷୀଙ୍କଠାରୁ ୩,୩୯୭.୫୭ କ୍ୱିଂଟାଲ ଧାନ ସଂଗ୍ରହ କରାଯାଇଛି । ସମିତିର ୨୭୯ ଜଣ ଚାଷୀ ଏବେ ବି ଧାନ ଧରି ବସି ରହିଥିବା ବେଳେ ୮,୯୯୮.୪୩ କ୍ୱିଂଟାଲ ଧାନ କିଣାଯିବା ବାକି ଅଛି । ତେବେ ଚାଷୀଙ୍କ ଦାବି ଧାନ ସଂଗ୍ରହର ସମୟସୀମା କମୁଥିବା ବେଳେ ବାକି ରହିଯାଇଥିବା ପ୍ରାୟ ୧୮ ହଜାର କ୍ୱିଂଟାଲରୁ ଊର୍ଦ୍ଧ୍ୱ ଧାନ କିପରି ସୁରୁଖୁରୁରେ କ୍ରୟ କରାଯିବ,ସେଥିପାଇଁ ପ୍ରଶାସନ ଓ ଯୋଗାଣ ବିଭାଗ ତୁରନ୍ତ ତତ୍ପରତା ପ୍ରକାଶ କରୁ । ମିଲରମାନଙ୍କ ଦ୍ୱାରା ଗାଡ଼ି ଯୋଗାଣ ସମସ୍ୟା ଓ ମଣ୍ଡି ପରିଚାଳନାକୁ ଅଧିକ କ୍ରିୟାଶୀଳ କରିବାକୁ ସମିତିର ସଭାପତି ହେମନ୍ତ ମହାଳିକ,ଡାଇରେକ୍ଟର ବାସୁଦେବ ଜେନା, ଶୁଶାନ୍ତ ପ୍ରଧାନ, ସୁଧାଂଶୁ ଶେଖର ପାତ୍ର, ହେମନ୍ତ ମହାଳିକ, ରମେଶ ମହାପାତ୍ର, ଜୟନ୍ତ କର, ବିଜୟ କୁମାର ପାତ୍ର, କ୍ରିଷ୍ଣା ମହାପାତ୍ର, ନରେନ୍ଦ୍ର ଦେ, ନୟନ ପାଠୀ ଙ୍କ ସହ ସ୍ଥାନୀୟ ଚାଷୀ ମାନେ ଦିନ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଆମରଣ ଅନଶନରେ ବସିରହିଥିଲେ । ତେବେ ସନ୍ଧ୍ୟା ୬ ଘଟିକା ସମୟରେ ଜିଲ୍ଲା ଉପଖଣ୍ଡ ଯୋଗାଣ ଅଧିକାରୀ ଏଲିନା କୁଜର,ଅତିରିକ୍ତ ଯୋଗାଣ ଅଧିକାରୀ ବୁଦ୍ଧେଶ୍ୱର ଜେନା ଓ ଜଳେଶ୍ୱର ବ୍ଲକ ଯୋଗାଣ ଅଧିକାରୀ ଅବନ୍ତିକା ସାହୁ ଘଟଣା ସ୍ଥଳରେ ପହଂ ଧାରଣା କାରି ଙ୍କୁ ଲିଖିତ ପ୍ରତିଶୃତି ଦେବା ପରେ ଧାରଣାରୁ ଉହରିଯାଇଥିଲେ ।

# ମେଡିକାଲର ଚରମ ଅବହେଳାରୁ ରୋଗୀର ଜୀବନ ଗଲା

ଧାମନଗର(ନିପ୍ର): ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କ୍ଷେତ୍ରରେ ଏକ ସଂଘାତିକ ଦାୟିତ୍ୱହୀନତା ସାମ୍ନାକୁ ଆସିଛି । ଜଣେ ଜ୍ୱର ପୀଡ଼ିତ ରୋଗୀଙ୍କୁ ସାଧାରଣ ଇଞ୍ଜେକ୍ସନ ବଦଳରେ କୁକୁର କାମୁଡ଼ା ଇଞ୍ଜେକ୍ସନ ଦିଆଯାଇଥିବା ନେଇ ଏକ ଗମ୍ଭୀର ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସରକାରୀ ମେଡିକାଲର ସୁରକ୍ଷା ଓ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ମୁତାବକ, ଧାମନଗର ବ୍ଲକ ଦଳାଙ୍ଗ ଗ୍ରାମର ସାଇକୃଷ୍ଣ ତ୍ରିପାଠୀ(୧୨) ପ୍ରବଳ ଜ୍ୱର ଏବଂ ମୁଣ୍ଡବିନ୍ଧାରେ ଆକ୍ରାନ୍ତ ହୋଇ ଗୁରୁବାର ଦିନ ଧାମନଗର ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ମଜ ମାଝୀ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଜ୍ୱର ଉପଶମ ପାଇଁ ଔଷଧ ସହିତ ଏକ ଇଞ୍ଜେକ୍ସନ ଲେଖିଥିଲେ । ଏହାପରେ ସାଇକୃଷ୍ଣ ଇଞ୍ଜେକ୍ସନ ନେବା ପାଇଁ ସେଠାରେ ଥିବା ନିର୍ଦ୍ଦିଷ୍ଟ କକ୍ଷକୁ ଯାଇଥିଲେ । କକ୍ଷରେ କାର୍ଯ୍ୟରତ ଥିବା ନର୍ସ ସୁବାସିନୀ ଜେନା ଡାକ୍ତରଙ୍କ ପ୍ରେସକ୍ରିପସନକୁ ସଠିକ୍ ଭାବେ ନଦେଖି ଅତ୍ୟନ୍ତ ବେପରୁଆ ଭାବେ ସାଇକୃଷ୍ଣଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଦେଇଥିଲେ । ଏହି ଭୁଲ ଇଞ୍ଜେକ୍ସନ ନେବା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା । ତାଙ୍କର ମୁଣ୍ଡ ବୁଲାଇବା ସହ ଜ୍ୱରର ପ୍ରକୋପ ଆହୁରି ବଢ଼ିଯାଇଥିବା ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରଥମେ ସେ ଘରକୁ ଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ?ଏହି ଘଟଣା ପ୍ରସାରିତ ହେବା ପରେ ଭୁଲ ଇଞ୍ଜେକ୍ସନ ଦେଇଥିବା ସମ୍ପୃକ୍ତ ନର୍ସଙ୍କ ବିରୁଦ୍ଧରେ ସିଡିଏମଓ କାରଣ ଦର୍ଶାଅ ନୋଟିସ ସହ ଭଦ୍ରକ ଏନଏଚଏମ ପକ୍ଷରୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଥାନା ଅଧିକାରୀଙ୍କ ମେରିରାଏ ନୀତିକୁ ବିରୋଧ କରି ଧାରଣା

ନୀଳଗିରି(ନିପ୍ର): ନୀଳଗିରି ଥାନା ସମ୍ମୁଖରେ ନୀଳଗିରି ଥାନା ଅଧିକାରୀ ଙ୍କ ସରକାରୀ ଦଳ ପ୍ରୀତି ବିରୁଦ୍ଧରେ ସୁବାସିନୀ ରାଉତ ନ୍ୟାୟ ଦାବି କରି ଧାରଣକ୍ଷ ରେ ବସିଥିବା ବେଳେ ନୀଳଗିରି ନିର୍ବାଚନ ମଣ୍ଡଳୀ ର ସମସ୍ତ ବିରୋଧୀ ଦଳ ବିଜେଡି, କଂଗ୍ରେସ, ସିପିଆଇ ଏହି ଧାରଣା କୁ ସମର୍ଥନ କରି ବକ୍ତବ୍ୟ ରଖିଥିଲେ । ଧାରଣା ସ୍ଥଳ ରେ ଜିଲ୍ଲା ଆରକ୍ଷୀ ଙ୍କ ନିର୍ଦ୍ଦେଶ କ୍ରମେ ଅଡିସନକ୍ଷଲ ଏସପି ଏସଡିପିଓ ଙ୍କ ଅନୁପସ୍ଥିତ ରେ ଦାୟିତ୍ୱ ରେ ଥିବା ଏସଡିପିଓ ମହୋଦୟା ଧାରଣା ସ୍ଥଳ ରେ ଉପସ୍ଥିତ ହୋଇ ଧାରଣା କାରି ଙ୍କ ଠାରୁ ସମସ୍ତ କଥା ବୁଝିବା ବା ପରେ ଆଇ.ଆଇ.ସି. ଙ୍କ କାର୍ଯ୍ୟକଳାପ ନିରପେକ୍ଷ ନଥିବା ଅନୁଭବ କରିଥିଲେ ଓ ନିର୍ଦ୍ଦୋଷ ସୁବାସିନୀ ଙ୍କ ପରିବାର ଉପରେ ହୋଇଥିବା ମିଥ୍ୟା ମକଦମକ୍ଷର ତଦନ୍ତ ଭାର ବଦଳାଇବା ପାଇଁ ଧାରଣା ସ୍ଥଳ ରେ ପ୍ରତିଶୃତି ଦେଇଥିଲେ । ଧାରଣା ସ୍ଥଳ ରେ ପୂର୍ବତନ ବିଜେଡି ବିଧାୟକ ସୁକାନ୍ତ ନାୟକ, ସିପିଆଇର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ, କଂଗ୍ରେସ ଦଳ କୃଷକ ସେଲ ରାଜ୍ୟ ନେତୃତ୍ୱ ଯଶୋଦା ନନ୍ଦନ ସିଂହ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା , ନୀଳଗିରି ବ୍ଲକ ସଭାପତି ତପନ ରାଉତ, ଦକ୍ଷିଣ ନରସିଂହପୁର ପୂର୍ବତନ ସରପଂଚ ରବୀନ୍ଦ୍ର ପୁଟି, ସମିତି ସଭ୍ୟ ବିଦ୍ୟାଧର ମହାନ୍ତି, ସିପିଆଇ ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ, ବିଜେଡିର ଗଙ୍ଗାଧର ମିଶ୍ର ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ ।ଝଗଡା ଟି ସାମାନ୍ୟ କଳି ରୁ ଉଦ୍ଭବ ହୋଇଥିଲା । ସୁଭାଷିନୀ ରାଉତଙ୍କ ଆବାସ ଛାତ ଉପରେ ମନୋରଞ୍ଜନ ମହାନ୍ତି ଙ୍କ ବାଡ଼ି ରେ ଥିବା ଗଛ ଟି ପଡିବା ଫଳରେ ଘର ର ଛାତ ଟି ଫାଟି ଯାଇଥିଲା, ଘରେ କେହି ନଥିବା ବେଳେ ଘର ଛାତ ଉପରେ ପଡ଼ିଥିବା ଗଛ ଟିକୁ ମନୋରଞ୍ଜନ ମହାନ୍ତି ଏବଂ ତାଙ୍କ ପୁତ୍ର ହାଣି ନେଇଯିବା କୁ ଦାବି କରିଥିଲେ କ୍ଷ ସୁବାସିନୀ ରାଉତ ପ୍ରତିବାଦ କରିବାରୁ ମନୋରଞ୍ଜନ ଙ୍କ ପୁଅ ଗଛ ଡାଳ ହାଣିବା ପାଇଁ ନେଇଥିବା କଟୁରୀ ରେ ସୁବାସିନୀଙ୍କୁ ହାଣି ଦେବା ବେଳେ ସୁବାସିନୀ ହାତ ଉଠାଇ ନିଜକୁ ରକ୍ଷା କଲା ବେଳେ କଟୁରୀ ଚୋଟ ରେ କାନି ଆଙ୍ଗୁଳି ରେ ଗଭୀର କ୍ଷତ ହୋଇଥିବା ରୁ ତାଙ୍କର ପୁତ୍ର ମାନେ ସୁବାସିନୀ କୁ ଡାକ୍ତରଖାନା କୁ ଆଣି ଚିକିତ୍ସା କରାଇ ଥାନା କୁ ଏତଲା ଦେବାକୁ ଯାଇଥିବା ବେଳେ ଘଟଣା ସ୍ଥଳ ରେ ଅନୁପସ୍ଥିତ ଥିବା ପୁଅ ୩ ଜଣ କୁ ପୋଲିସ ଅଟକ ରଖି ଦୋଷ ଘଟାଇ ଥିବା ମନୋରଞ୍ଜନ ଙ୍କ ଏତଲା ମୂଳେ ସରକାରୀ ଦଳ ର ଚାପ ରେ ୩୦୭ ମିଛ ଦଫା ଲଗାଇ କୋଟ ଫରୋୱାର୍ଡ କରିଦେବା ଫଳରେ ନିର୍ଦ୍ଦେଶ ଲୋକ ମାନେ ଓଡିଶା ର ମହାନ ରଜ ପର୍ବ ସମୟରେ ତାଙ୍କ ଘରେ ଚୁଲି ନ ଜଳିବା ଘଟଣା ଅଂଚଳ କୁ ବ୍ୟଥିତ କରିଥିଲା । ସେଥିପାଇଁ ସୁବାସିନୀ ଙ୍କୁ ସମର୍ଥନ କରି ଶତାଧିକ ମହିଳା ପୁରୁଷ ଧାରଣା ରେ ବସି ସମର୍ଥନ କରିଥିଲା କ୍ଷ ଫଳରେ ଘଟଣା ଟି ଓଡିଶା ର ଦ୍ୱିତୀୟ କେନ୍ଦ୍ରାପଡା ସୃଷ୍ଟି କରିପାରେ ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ ।






# ଡକ୍ଟର ମନୋରଞ୍ଜନ ନାୟକଙ୍କ ସଫଳତା

## ଡରବାନ ଠାରୁ ପିଟରମାରଟିଜ୍ ବର୍ଗ ପର୍ଯ୍ୟନ୍ତ ୮୬.୭୭ କିଲୋମିଟରର ଦୌଡ଼ ରେ ଜିଲ୍ଲା ପାଇଁ ଗୌରବ ଅର୍ଜନ



ବ୍ରହ୍ମପୁର(ନି.ପ୍ର.) : ଡରବାନ ଠାରୁ ପିଟରମାରଟିଜ୍ ବର୍ଗ ପର୍ଯ୍ୟନ୍ତ ୮୬.୭୭ କିଲୋମିଟର ର ଦୌଡ଼, ଯାହା ସମୁଦ୍ର ପତନ ଠାରୁ ୧୭୪୨ ମିଟର ଉଚ୍ଚ ରେ ପାଂଚ ଟି ବଡ ଓ ସୁଉଚ୍ଚ ପର୍ବତ ଶୃଙ୍ଖଳା ଦେଇ ଗତି କରିଥାଏ । ଏହି ଦୌଡ଼ ମାନବ ଜାତିର ସର୍ବଶ୍ରେଷ୍ଠ ଦୌଡ଼ ଭାବର ରେ ପରିଚିତ । ମାନବ ଜାତିର ସର୍ବଶ୍ରେଷ୍ଠ ଦୌଡ଼ ଭାବରେ ପରିଚିତ ଏହି ଦୌଡ଼ କୁ ଡକ୍ଟର ମନୋରଞ୍ଜନ ନାୟକ ବୟସ ୫୭ ବର୍ଷ, ସଫଳତା ର ସହିତ ପୁରା କରିଛନ୍ତି । ଡକ୍ଟର ମନୋରଞ୍ଜନ ଓଡ଼ିଶାର ବ୍ରହ୍ମପୁର ସହର ନିକଟବର୍ତ୍ତୀ ଭୂତସରସିଙ୍ଗି ଗ୍ରାମର ସ୍ୱର୍ଗତ ଡକ୍ଟର ମାୟାଧର ନାୟକଙ୍କ ପୁତ୍ର । ସେ ବର୍ତମାନ ହାଇଦ୍ରାବାଦ ଓମେଗା ହସ୍ପିଟାଲ ରେ ସର୍ଜିକଲ ଅଙ୍କୋଲୋଜିଷ୍ଟ କନ୍ସଲଷ୍ଟାଂଟ ଭାବେ କାର୍ଯ୍ୟରତ ଅଛନ୍ତି । ଡକ୍ଟର ମନୋରଞ୍ଜନ ହେଉଛନ୍ତି ଓଡ଼ିଶା ର ଦ୍ୱିତୀୟ ବ୍ୟକ୍ତି ଯେକି ଏହି ଶ୍ରେଷ୍ଠତମ ଦୌଡ଼ କୁ ୧୧ ଘଂଟା ୫୬ ମିନଟ୍ ରେ ପୁରା କରିଛନ୍ତି । ସେ ଯାହା ହାସଲ କରିଛନ୍ତି, ତାହା ଦୃଢ଼ ଶୃଙ୍ଖଳା ଏବଂ ନିଷ୍ଠାର ଏକ ଅନନ୍ୟ ଉଦାହରଣ । ଡର୍ବାନ୍ ?ର ପ୍ରାରମ୍ଭିକ ରେଖାରେ ପହଂଚିବା ପାଇଁ ବିଗତ ଛଅ ମାସ ଧରି ପ୍ରତିଦିନ ଭୋର ସମୟରେ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା । ତେବେ, ଯେତେବେଳେ ସେ ଏହି ଦୌଡ଼ର ସବୁଠାରୁ କଠିନ ପାହାଡ଼ିଆ ରାସ୍ତା ର ସାମ୍ନା କଲେ, ସେତେବେଳେ ତାଙ୍କର ଅସୀମ ସାହସ ହିଁ ତାଙ୍କୁ ଶେଷ ସୀମା ପର୍ଯ୍ୟନ୍ତ ନେଇଯାଇଥିଲା । କମାରେଡ ଅପ୍ ରନ୍ ଯାହାକି ବିଶ୍ୱର ସବୁଠାରୁ ପୁରୁଣା ଏବଂ ବୃହତମ ଅଲ୍ଟ୍ରା-ମାରାଥନ । ଏହାର ୯୯ତମ ସଂସ୍କରଣ ସଫଳତାର ସହ ଶେଷ କରିବା ଏକ ଅବିସ୍ମରଣୀୟ ସଫଳତା, ଯାହା ଡକ୍ଟର ମନୋରଞ୍ଜନ ଙ୍କୁ ବିଶ୍ୱର ଶ୍ରେଷ୍ଠ ଆଥଲେଟ୍‌ମାନଙ୍କ ତାଲିକାରେ ସାମିଲ କରିଛି ।

# ବ୍ରହ୍ମପୁରର ହେବ ସର୍ବାଙ୍ଗୀନ ବିକାଶ

## ଓଡ଼ିଶା ଡେଭଲପମେଂଟ ଫୋରମକୁ ପ୍ରତିଶୃତି ଦେଲେ ବିଏମସି କମିଶନର



ବ୍ରହ୍ମପୁର(ନି.ପ୍ର.) : ଆଜି ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନର ଶ୍ରୀମତୀ ଏ. ସସ୍ୟା ରେଡ୍ଡୀ (ଆଇଏଏସ୍‌ଏ) ଙ୍କୁ ମିଶି ଓଡ଼ିଶା ଡେଭଲପମେଂଟ ଫୋରମ ର କାର୍ଯ୍ୟକର୍ତା ମାନେ ବ୍ରହ୍ମପୁର ସହରର ବିକାଶ, ଟ୍ରାଫିକ ସମସ୍ୟାର ସମାଧାନ, ୧୮ ଟି ପଂଚାୟତର ର ଜନ ସଂଖ୍ୟା କୁ ବ୍ରହ୍ମପୁର ରେ ମିଶ୍ରଣ, ଗଞ୍ଜାମ ହାଟ, ସୁଭଦ୍ରା ଶକ୍ତି ହାଟ, ମଲ୍ଟି ଷ୍ଟୋରୀ ପାର୍କିଂ କମ୍ପ୍ଲେକ୍ସ ର ଶୀଘ୍ର ଲୋକାର୍ପଣ, ଗିରି ମାର୍କେଟ, କିଛି ନୂଆଁ ମାର୍କେଟ କମ୍ପ୍ଲେକ୍ସ, ଫୁଡ କ୍ୟାପିଟାଲର ବିଭିନ୍ନ ସ୍ଥାନରେ ଫୁଡ୍ ପାର୍କ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ ।

ସୂଚନା ଯୋଗ୍ୟ, ବ୍ରହ୍ମପୁର ସହର ଉପରେ ପ୍ରାୟ ୮ ରୁ ୧୦ ଲୋକ ନିର୍ଭର କରୁଥିବା ଯୋଗୁଁ ଏହାର ଅ୍ୱସ୍ଥା ଅତ୍ୟଧିକ ଖରାପ ହେବାରେ ଲାଗିଛି ଓ ୪ ଲକ୍ଷ ଜନ ସଂଖ୍ୟା ଯୋଗୁ କେନ୍ଦ୍ରୀୟ ଅନୁଦାନ ରୁ ବଂଚିତ ହେଉଛି ।ଏହାଛଡା ବିପର୍ଯ୍ୟସ୍ତ ରାସ୍ତାଘାଟ ର ଅବସ୍ଥା ସୁଧାରିବା, ଖଲ୍ଲିକୋଟ କଲେଜ - ବିଜିପୁର ଓ କମାପଲ୍ଲୀ ଠାରେ ୪ ଥାକିଆ ଫ୍ଲାଇଓଭର ନିର୍ମାଣ କରିବା,ଫାଷ୍ଟ ଗେଟ ଠାରେ ୪ ଥାକିଆ ଫ୍ଲାଇଓଭର ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବା, ରାସ୍ତା କଡର ଉଠା ଦୋକାନୀଙ୍କୁ ଭେଣ୍ଡିଂ ଜୋନ୍ ନିର୍ମାଣ କରି ସ୍ଥାନାନ୍ତର କରିବା, ଟ୍ରାଫିକ ବ୍ୟବସ୍ଥା ର ସୁପରିଚାଳନା ପାଇଁ ରିଂ ରୋଡ ଓ ବାଇ ପାସ୍ କାମକୁ ଅତିଶୀଘ୍ର ସମାପ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା । ଏହା ଛଡ଼ା ପାଦଚଲା ରାସ୍ତା, ଫୁଟ ଓଭର ବ୍ରିଜ୍ ଓ ସହରର ବିଭିନ୍ନ ଅଂଚଳରେ ଖୋଲା ସ୍ଥାନ, ପାର୍କ, ଖେଳ ପଡିଆ, ଟାଉନ ହଲ ନିର୍ମାଣ ଓ ପ୍ରଦର୍ଶନୀ ପଡ଼ିଆ ଚିହ୍ନିତ କରିବା ନିମନ୍ତେ ଦାବି କରାଯାଇଥିଲା । ଏହି ଅବସରରେ ୧୮ ପଂଚାୟତ ସହ, ଗଞ୍ଜାମ ହାଟ, ସୁଭଦ୍ରା ଶକ୍ତି ହାଟ, ମଲ୍ଟି ଷ୍ଟୋରୀ ପାର୍କିଂ କମ୍ପ୍ଲେକ୍ସର ଶୀଘ୍ର ଲୋକାର୍ପଣ କରିବା, ଗିରି ମାର୍କେଟ, କିଛି ନୂଆଁ ମାର୍କେଟ କମ୍ପ୍ଲେକ୍ସ, ଫୁଡ୍ ପାର୍କ ଓ ବିଭିନ୍ନ ସ୍ଥାନରେ ଫୁଟ ଓଭରବ୍ରିଜ୍ ଭଳି ଦାବୀ ଗୁଡ଼ିକ ଶିଘ୍ର ପୂରଣ କରିବା ପାଇଁ ଚେଷ୍ଟା କରିବି ବୋଲି ବ୍ରହ୍ମପୁର ମହାନଗର ନିଗମ (ବିଏମସି) କମିଶନର ଓଡ଼ିଶା ଡେଭଲପମେଂଟ ଫୋରମ୍ କାର୍ଯ୍ୟକର୍ତାଙ୍କୁ ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଡେଭଲପମେଂଟ ଫୋରମ ସଚିବ ଠ.ସୋମେଶ୍ୱର ରାଓ, ଲକ୍ଷ୍ମୀ ପାଢ଼ୀ, ପ୍ରିତିଶ ପାଣିଗ୍ରାହୀ, ଦକ୍ଷିଣ ଓଡ଼ିଶା ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଡଭୋକେଟ ସରୋଜ ରଞ୍ଜନ ପଟ୍ଟନାୟକ, ସମାଜସେବୀ ମଧୁସୂଦନ ସାହୁ, ଆଦିତ୍ୟ ରଥ, ମାନସ ରଞ୍ଜନ ପାତ୍ର, ସରୋଜ ଦାସ ଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ନୀଳଗିରି ବିଜେଡି ପକ୍ଷରୁ ବିଏଲଏ ପ୍ରଶିକ୍ଷଣ ଶିବିର

ନୀଳଗିରି,(ନି.ପ୍ର.); ଭୋଟର ତାଲିକା ସଂଶୋଧନ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା କରଣ କରୁଥିବା ବେଳେ ନୀଳଗିରି ବିଜେଡ଼ି ପକ୍ଷରୁ ବିଏଲଏ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନ ୮ଘଟିକା ରୁ ୧୧ ଘଟିକା ପର୍ଯ୍ୟନ୍ତ ଦଳୀୟ କର୍ମୀ ମାନଙ୍କୁ ନେଇ ବୁଥ ସ୍ତରୀୟ ବିଏଲଏ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଙ୍କ ପ୍ରତ୍ୟକ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ନୀଳଗିରି ବ୍ଲକ ର ୨୫ ଗୋଟି ପଂଚାୟତ ରୁ ନିର୍ବାଚିତ ଜନ ପ୍ରତିନିଧି, ଦଳୀୟ ନେତା ଓ କର୍ମୀ ଯୋଗ ଦେଇ ବୁଥ ସ୍ତରୀୟ ଏଜେଂଟ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଶେଷ କରି ଆଗକୁ ପଂଚାୟତ ନିର୍ବାଚନ କୁ ଦୃଷ୍ଟିରେ ରଖି ଭୋଟର ମାନଙ୍କ ତାଲିକା ସଂଶୋଧନ ସହିତ ମୃତ ଓ ଅନ୍ୟତ୍ର ବସବାସ କରୁଥିବା, ବିବାହିତା ମହିଳା ମାନଙ୍କ ନାମ କୁ ବାଦ ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଭୋଟର ଭାଇ ଭଉଣୀ, ମା, ମାଉସୀ ମାନେ ଯେଭଳି ଭାବେ ବିନା ଅସୁବିଧାରେ ତାଙ୍କର ଭୋଟର ତାଲିକା ସଂଶୋଧନ କରାଯାଇପାରିବ ଏବଂ ଦଳୀୟ କର୍ମୀ ମାନେ ସହଯୋଗ ଓ ସଚେତନ କରାଇବେ ସେନେଇ ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ଉପସ୍ଥିତ ସମସ୍ତ ବିଏଲଏ କର୍ମୀ ଓ ଦଳୀୟ ନେତୃତ୍ୱ ଙ୍କୁ ଅନୁରୋଧ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ନଗର ପାଳ କ୍ଷେତ୍ରମୋହନ ସିଂ, ଗଙ୍ଗାଧର ମିଶ୍ର, କମଳା ମଣୀ ପରିଡ଼ା, ଅଚ୍ୟୁତ ପ୍ରଧାନ, ସୁନୀଲ ପ୍ରଧାନ, ଖଗେନ୍ଦ୍ର ସାହୁ, କୁଳମଣି ନାୟକ, ବୁଦ୍ଧଦେବ ସରକାର, ପ୍ରକାଶ ସିଂ, ପ୍ରମୁଖ ତିନି ଶହ ରୁ ଉର୍ଦ୍ଧ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।



# ଭାରତର ପବିତ୍ର ଭୂମିରୁ ଯୋଗର ବିଶ୍ୱବ୍ୟାପୀ ଯାତ୍ରା



- ଶ୍ରୀ ପ୍ରତାପରାଓ ଯାଧବ

ଇତିହାସର ପ୍ରତ୍ୟେକ ପର୍ଯ୍ୟାୟରେ କିଛି ଏପରି ଚିନ୍ତାଧାରା ଓ ଜୀବନଦର୍ଶନ ରହିଛି, ଯେଉଁମାନେ ଭୌଗୋଳିକ ସୀମାରେଖାକୁ ଅତିକ୍ରମ କରି ସମଗ୍ର ମାନବ ସମାଜକୁ ପ୍ରଭାବିତ କରିଛନ୍ତି । "ଯୋଗ" ହେଉଛି ସେହିପରି ଭାରତର ଏକ ପ୍ରାଚୀନ ଏବଂ ଅମୂଲ୍ୟ ପରମ୍ପରା, ଯାହାର ଯାତ୍ରା ପ୍ରାଚୀନ ଶାସ୍ତ୍ର ଓ ଉପନିଷଦରୁ ଆରମ୍ଭ ହୋଇ ଆଜି ବିଶ୍ୱବ୍ୟାପୀ ସ୍ୱୀକୃତି ଲାଭ କରିଛି । ଶରୀର, ମନ ଏବଂ ଆତ୍ମାର ସମନ୍ୱୟ ସ୍ଥାପନ କରୁଥିବା ଏହି ପ୍ରାଚୀନ ଅଭ୍ୟାସ କେବଳ ସ୍ୱାସ୍ଥ୍ୟ ସୁରକ୍ଷାର ଏକ ମାଧ୍ୟମ ନୁହେଁ, ବରଂ ଏହା ଏକ ସମଗ୍ର ଜୀବନଦର୍ଶନ । ଆଜି ଯୋଗ ବିଶ୍ୱର କୋଟି କୋଟି ଲୋକଙ୍କୁ ସୁସ୍ଥ, ସନ୍ତୁଳିତ ଓ ସଚେତନ ଜୀବନ ବ୍ୟତୀତ କରିବାର ପ୍ରେରଣା ଯୋଗାଉଛି, ଯାହା ଭାରତର ସାଂସ୍କୃତିକ ଐତିହ୍ୟର ବିଶ୍ୱବ୍ୟାପୀ ପ୍ରଭାବକୁ ପ୍ରତିଫଳିତ କରେ ।

'ଯୋଗ' ଶବ୍ଦଟି ମୂଳତଃ ସଂସ୍କୃତ ଶବ୍ଦ 'ଯୁଜ୍' ରୁ ସୃଷ୍ଟି ହୋଇଛି, ଯାହାର ଅର୍ଥ ହେଉଛି 'ଯୋଡ଼ିବା' ବା 'ଏକତ୍ରିତ କରିବା' - ଏହା ଦାର୍ଶନିକ ଅନୁସନ୍ଧାନ ଏବଂ ବ୍ୟାବହାରିକ ଶୃଙ୍ଖଳାର ଏକ ବ୍ୟାପକ ବ୍ୟବସ୍ଥାକୁ ପ୍ରକାଶ କରେ, ଯାହାର ଉଦ୍ଦେଶ୍ୟ ହେଉଛି ଆତ୍ମାକୁ ପରମ ଚେତନା ବା ପରମାତ୍ମା ସହିତ ମିଳନ କରିବା ।

'ଯୋଗ'ର ବ୍ୟବହାର ସର୍ବପ୍ରଥମେ ଋଗ୍ ବେଦ (ପ୍ରାୟ ଖ୍ରୀଷ୍ଟପୂର୍ବ ୧୫୦୦-୧୨୦୦)ରେ ଦେଖିବାକୁ ମିଳେ, ଯେଉଁଠାରେ 'ତପସ୍ୟା' ଏବଂ 'ଧ୍ୟାନ' କଥା ଉଲ୍ଲେଖ କରାଯାଇଛି । ଏହି ବିଚାରଧାରାଗୁଡ଼ିକ ଉପନିଷଦରେ ଆହୁରି ବିକଶିତ ହୋଇଛି, ଯେଉଁଥିରେ ଯୋଗର ଅନେକ ଦାର୍ଶନିକ ଭିତିଭୂମିକୁ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଛି । ତେବେ, ମହର୍ଷି ପତଞ୍ଜଳିଙ୍କ ଯୋଗ ସୂତ୍ର (ପ୍ରାୟ ଖ୍ରୀଷ୍ଟପୂର୍ବ ୨୦୦ - ଖ୍ରୀଷ୍ଟାବ୍ଦ ୪୦୦) ହିଁ ଯୋଗକୁ ଏହାର ସବୁଠାରୁ ଶୃଙ୍ଖଳିତ ବ୍ୟବସ୍ଥା - ଶାସ୍ତ୍ରୀୟ 'ଅଷ୍ଟାଙ୍ଗ ଯୋଗ' ବା ଆଠଟି ସୋପାନ ବିଶିଷ୍ଟ ମାର୍ଗ - ପ୍ରଦାନ କରିଥିଲା, ଯେଉଁଥିରେ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି ଅନ୍ତର୍ଭୁକ୍ତ ।

ପତଞ୍ଜଳିଙ୍କ ବ୍ୟତୀତ, ଭଗବଦ୍ ଗୀତା ଯୋଗକୁ ଜୀବନ ଜୀଇଁବାର ଏକ ଗତିଶୀଳ ଦର୍ଶନ ଭାବରେ ଉପସ୍ଥାପନ କରେ । କୁରୁକ୍ଷେତ୍ର ଯୁଦ୍ଧଭୂମିର ପୃଷ୍ଠଭୂମିରେ ଭଗବାନ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ମାନବର କର୍ତବ୍ୟ, ଉଦ୍ଦେଶ୍ୟ ଏବଂ ଆଧ୍ୟାତ୍ମିକ ବିକାଶ ବିଷୟରେ ଗଭୀର ଜ୍ଞାନ ପ୍ରଦାନ କରେ । ଭଗବଦ୍ ଗୀତାରେ ବର୍ଣ୍ଣିତ ବିଭିନ୍ନ ମାର୍ଗ ମଧ୍ୟରେ କର୍ମ ଯୋଗ (ନିଷ୍କାମ କର୍ମର ମାର୍ଗ), ଜ୍ଞାନ ଯୋଗ (ଜ୍ଞାନର ମାର୍ଗ), ଏବଂ ଭକ୍ତି ଯୋଗ (ଭକ୍ତିର ମାର୍ଗ) ହେଉଛି ମୁକ୍ତିର ତିନୋଟି ମହାନ ପଥ । ତେଣୁ, ଭାରତ କେବଳ ଯୋଗର ଜନ୍ମସ୍ଥଳୀ ନୁହେଁ, ଏହା ହେଉଛି ସେହି ଜୀବନ୍ତ ସଭ୍ୟତା ଯେଉଁଠାରୁ ଯୋଗ ହଜାର ହଜାର ବର୍ଷ ଧରି ଏହାର ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ ଦାର୍ଶନିକ ଗଠନର ଏକ ଅଂଶ ଭାବରେ ସ୍ୱାଭାବିକ ଭାବରେ ବିକଶିତ ହୋଇଛି ।

ତେବେ, ଉପନିବେଶବାଦୀ ପ୍ରଭାବ ସମୟରେ ଶିକ୍ଷିତ ଭାରତୀୟ ସମାଜର ଏକ ବଡ଼ ଗୋଷ୍ଠୀ ପାଶ୍ଚାତ୍ୟ ବୌଦ୍ଧିକ ବ୍ୟବସ୍ଥା ଦ୍ୱାରା ଅଧିକରୁ ଅଧିକ ପ୍ରଭାବିତ ହେଲେ, ଏବଂ ଯୋଗ ସହିତ ପାରମ୍ପରିକ ଜ୍ଞାନ ବ୍ୟବସ୍ଥାଗୁଡ଼ିକୁ ପ୍ରାୟତଃ ପରିବର୍ତ୍ତିତ ଆଧୁନିକ ଦୁନିଆରେ କମ୍ ପ୍ରାସଙ୍ଗିକ ବୋଲି ବିବେଚନା କରାଗଲା । ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ, ସ୍ୱାମୀ ବିବେକାନନ୍ଦ ଏକ ଶକ୍ତିଶାଳୀ ସ୍ୱର ଭାବରେ ଆବିର୍ଭାବ ହେଲେ ଯିଏ ଲୋକଙ୍କୁ ଯୋଗର ମୂଲ୍ୟ ପୁନର୍ବା।ର ଆବିଷ୍କାର କରିବାରେ ସାହାଯ୍ୟ କରିଥିଲେ ।

ନିଜର ଶିକ୍ଷା ଏବଂ ବିଶ୍ୱ ଧର୍ମ ମହାସଭାରେ ନିଜର ଐତିହାସିକ ଭାଷଣ ମାଧ୍ୟମରେ, ସେ ଭାରତର ଆଧ୍ୟାତ୍ମିକ ଐତିହ୍ୟ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କଲେ ଏବଂ ଯୋଗର ଚିରନ୍ତନ ଜ୍ଞାନ ପ୍ରତି ଏକ ନୂତନ ଆତ୍ମବିଶ୍ୱାସ ଜାଗ୍ରତ କରାଇଲେ । ସେ ବିଶ୍ୱର ବିଭିନ୍ନ ପ୍ରାନ୍ତର ଲୋକଙ୍କ ସହ ବେଦାନ୍ତ ଏବଂ ଯୋଗର ବିଚାରଧାରା ବା[ଥିଲେ ଏବଂ ଦେଖାଇଥିଲେ ଯେ ଯୋଗ କେବଳ ଏକ ଧାର୍ମିକ ଅଭ୍ୟାସ ନୁହେଁ, ବରଂ ବ୍ୟକ୍ତିଗତ ବିକାଶ, ଆଭ୍ୟନ୍ତରୀଣ ଶାନ୍ତି ଏବଂ ଆତ୍ମ-ଉନ୍ନତିର ଏକ ମାର୍ଗ । ବିଦେଶରେ ସେ ପାଇଥିବା ସମ୍ମାନ ଏବଂ ପ୍ରଶଂସା ଭାରତୀୟମାନଙ୍କୁ ନିଜର ପ୍ରାଚୀନ ପରମ୍ପରା ଓ ସଂସ୍କୃତି ପ୍ରତି ଆତ୍ମବିଶ୍ୱାସ ଏବଂ ଗୌରବ ଫେରାଇ ଆଣିବାରେ ସାହାଯ୍ୟ କରିଥିଲା ।

ଚିକାଗୋରେ ଏବଂ ପରବର୍ତୀ ସମୟରେ ସମଗ୍ର ଆମେରିକା ଓ ୟୁରୋପରେ ସେ ପ୍ରଦାନ କରିଥିବା ବକ୍ତୃତା ପାଶ୍ଚାତ୍ୟ ଜଗତକୁ ରାଜ ଯୋଗ (ମନ ନିୟନ୍ତ୍ରଣର ରାଜକୀୟ ଯୋଗ), ଜ୍ଞାନ ଯୋଗ (ବୌଦ୍ଧିକ ବିବେକର ଯୋଗ), କର୍ମ ଯୋଗ (ନିଷ୍କାମ ସେବାର ଯୋଗ) ଏବଂ ଭକ୍ତି ଯୋଗ (ଭକ୍ତିର ଯୋଗ) ର ଧାରଣା ସହିତ ପରିଚିତ କରାଇଥିଲା । ପତଞ୍ଜଳିଙ୍କ ଯୋଗ ସୂତ୍ର ଉପରେ ଆଧାରିତ ତାଙ୍କର ପୁସ୍ତକ 'ରାଜ ଯୋଗ' (୧୮୯୬), ପାଶ୍ଚାତ୍ୟ ଶ୍ରୋତାମାନଙ୍କ ପାଇଁ ଯୋଗ ଦର୍ଶନର ସର୍ବପ୍ରାଥମିକ ଏବଂ ସବୁଠାରୁ ପ୍ରଭାବଶାଳୀ ପରିଚୟ ମଧ୍ୟରୁ ଅନ୍ୟତମ ହୋଇଥିଲା ।

ରାଜ ଯୋଗ ଉପରେ ନିଜର ବକ୍ତୃତାରେ, ସ୍ୱାମୀ ବିବେକାନନ୍ଦ ଯୋଗକୁ ମାନବ ଚେତନାର ଆଭ୍ୟନ୍ତରୀଣ ଦିଗଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ଏକ ଶୃଙ୍ଖଳିତ ଏବଂ ଅନୁଭୂତିପୂର୍ଣ୍ଣ ମାର୍ଗ ଭାବରେ ଉପସ୍ଥାପନ କରିଥିଲେ । ବିବେକାନନ୍ଦଙ୍କ ମତରେ, ମାନବ ଜାତି ପାଇଁ ଭାରତର ସବୁଠାରୁ ବଡ଼ ଅବଦାନ ଏହାର ଆଧ୍ୟାତ୍ମିକ ଜ୍ଞାନ ମଧ୍ୟରେ ରହିଛି, ଯେଉଁଥିରେ ଯୋଗ ଏହାର ଏକ ଗଭୀର ଏବଂ ଚିରସ୍ଥାୟୀ ଅଭିବ୍ୟକ୍ତିକୁ ପ୍ରତିନିଧିତ୍ୱ କରେ । ତାଙ୍କର ବିଚାରଧାରା ସେହି ସମୟର ବିଶିଷ୍ଟ ବୁଦ୍ଧିଜୀବୀ ଏବଂ ଚିନ୍ତାନାୟକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଯାହା ଭାରତୀୟ ଦର୍ଶନ ସହିତ ପାଶ୍ଚାତ୍ୟ ଜଗତର ଏକ ବ୍ୟାପକ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହୋଇଥିଲା ।

ଯେଉଁ ଶୈଳୀ ମାଧ୍ୟମରେ ପାଶ୍ଚାତ୍ୟ ଜଗତରେ ବିବେକାନନ୍ଦଙ୍କ କାର୍ଯ୍ୟ ସ୍ୱୟଂ ଭାରତ ମଧ୍ୟରେ ଯୋଗର ଏକ ନବଜାଗରଣକୁ ତ୍ୱରାନ୍ୱିତ ହୋଇଥିଲା, ସେ ବାବଦରେ ଆଜି ଯାଏ ହୁଏତ କମ୍ ଆଲୋଚନା ହୋଇଛି । ଯେତେବେଳେ ୧୮୯୭ ମସିହାରେ ସ୍ୱାମୀ ବିବେକାନନ୍ଦ ଭାରତକୁ ଫେରିଲେ, ସେ ଖାଲି ହାତରେ ଫେରିନଥିଲେ । ସେ ନିଜ ସହିତ ଏକ ନୂତନ ଆତ୍ମବିଶ୍ୱାସ - ଭାରତର ଆଧ୍ୟାତ୍ମିକ ସଂସ୍କୃତି ପ୍ରତି ଏକ ପୁନର୍ଗଠିତ ଗର୍ବର ଭାବନା - ନେଇ ଆସିଥିଲେ, ଯାହା ପାଶ୍ଚାତ୍ୟରେ ମିଳିଥିବା ସ୍ୱୀକୃତି ଓ ସମ୍ମାନ ଦ୍ୱାରା ଆହୁରି ଦୃଢ଼ ହୋଇଥିଲା ।

୧୮୯୭ ମସିହାରେ ଭାରତକୁ ଫେରିବା ପରେ ସ୍ୱାମୀ ବିବେକାନନ୍ଦ ଦେଶବ୍ୟାପୀ ଭ୍ରମଣ କରି ବିଭିନ୍ନ ସ୍ଥାନରେ ବ୍ୟାଖ୍ୟାନ ପ୍ରଦାନ କରିଥିଲେ ଏବଂ ଭାରତୀୟମାନଙ୍କୁ ନିଜ ଆଧ୍ୟାତ୍ମିକ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟକୁ ପୁନର୍ବାର ଆବିଷ୍କାର କରିବା ପାଇଁ ପ୍ରେରିତ କରିଥିଲେ । ୧ ମଇ ୧୮୯୭ ରେ ସେ ହାଓ୍ୱଡ଼ା ଜିଲ୍ଲାର ବେଲୁର ମଠରେ ରାମକୃଷ୍ଣ ମିଶନର ସ୍ଥାପନା କରିଥିଲେ । ହୁଗୁଳି ନଦୀର ପଶ୍ଚିମ କୂଳରେ ଅବସ୍ଥିତ ଏହି ପବିତ୍ର ସ୍ଥାନଟି ଦକ୍ଷିଣେଶ୍ୱରର ନିକଟରେ ଅବସ୍ଥିତ, ଯେଉଁଠାରେ ଶ୍ରୀରାମକୃଷ୍ଣ ପରମହଂସ ତାଙ୍କର ଜୀବନର ଶେଷ ବର୍ଷଗୁଡ଼ିକ ଅତିବାହିତ କରିଥିଲେ । ବଙ୍ଗର ହୁଗୁଳି ନଦୀତଟରେ ଗଢ଼ିଉଠିଥିବା ଏହି ସଂସ୍ଥା ପରବର୍ତୀ ସମୟରେ ବେଦାନ୍ତର ଆଦର୍ଶ, 'ଶିବଜ୍ଞାନେ ଜୀବସେବା'ର ମହତ୍ୱ ଏବଂ ଯୋଗ ଦର୍ଶନର ବ୍ୟବହାରିକ ପ୍ରୟୋଗକୁ ବିଶ୍ୱବ୍ୟାପୀ ଭାବରେ ପ୍ରଚାର କରୁଥିବା ଏକ ଆନ୍ଦୋଳନର ବିଶ୍ୱ ମୁଖ୍ୟାଳୟରେ ପରିଣତ ହୋଇଥିଲା ।

ଶ୍ରୀରାମକୃଷ୍ଣ ପରମହଂସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଭଳି ଆଧ୍ୟାତ୍ମିକ ମହାପୁରୁଷଙ୍କ ଭୂମି ହୋଇଥିବା ସତ୍ତ୍ୱେ, ପଶ୍ଚିମବଙ୍ଗର ଜନଜୀବନରେ ଯୋଗର ଦୃଶ୍ୟମାନତା ସମୟ ସହିତ ଧୀରେ ଧୀରେ ହ୍ରାସ ପାଇଥିଲା । ବଦଳୁଥିବା ଜୀବନଶୈଳୀ, ଆଧୁନିକ ପ୍ରାଥମିକତା ଏବଂ ସାମାଜିକ ପରିବର୍ତନ ଯୋଗୁଁ ଯୋଗ ଧୀରେ ଧୀରେ ସାଧାରଣ ଜୀବନର କେନ୍ଦ୍ରବିନ୍ଦୁରୁ ଦୂରେଇ ଯାଇଥିଲା । ତଥାପି, ଏହାର ଚେର ଆଧ୍ୟାତ୍ମିକ ଅନୁଷ୍ଠାନ ଏବଂ ସମର୍ପିତ ସାଧକମାନଙ୍କ ମାଧ୍ୟମରେ ଜୀବନ୍ତ ରହିଥିଲା ।

୧୧ ସେପଟ୍ଟେମ୍ବର ୧୮୯୩ରେ, "ଆମେରିକାର ମୋର ପ୍ରିୟ ଭାଇ ଓ ଭଉଣୀମାନେ" - ଏହି ଅମର ସମ୍ବୋଧନରୁ ଆରମ୍ଭ କରି, ସ୍ୱାମୀ ବିବେକାନନ୍ଦ ବିଶ୍ୱ ଧର୍ମ ମହାସଭାରେ ନିଜର ଐତିହାସିକ ଭାଷଣ ମାଧ୍ୟମରେ ଭାରତର ଆଧ୍ୟାତ୍ମିକ ଜ୍ଞାନକୁ ବିଶ୍ୱ ସହିତ ପରିଚିତ କରାଇଥିଲେ । ଏବେ "ପଶ୍ଚିମବଙ୍ଗର ଭାଇ ଓ ଭଉଣୀମାନେ, ଆପଣଙ୍କ ନିଜ ଘରେ ଯୋଗର ଏହି ପ୍ରତ୍ୟାବର୍ତନର ସାକ୍ଷୀ ହୁଅନ୍ତୁ - ଶିକାଗୋର ବିଶ୍ୱ ମଂଚରୁ ହୁଗୁଳିର କୂଳ ପର୍ଯ୍ୟନ୍ତ ।" ଏହି ଶବ୍ଦଗୁଡ଼ିକ ଏକ ଗଭୀର ଆବେଗିକ ସମ୍ପର୍କ ବହନ କରେ, ଯାହା ଆମକୁ ସେହି ଐତିହାସିକ ମୁହୂର୍ତକୁ ମନେ ପକାଇଦିଏ ଯେତେବେଳେ ସ୍ୱାମୀ ବିବେକାନନ୍ଦ ଭାରତର ଆଧ୍ୟାତ୍ମିକ ଜ୍ଞାନକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିଥିଲେ । ତାଙ୍କର ବାର୍ତା ଭାରତରୁ ବିଶ୍ୱକୁ ଯାତ୍ରା କରି ଯୋଗ, ସଦ୍ଭାବନା ଏବଂ ଆଭ୍ୟନ୍ତରୀଣ ଶାନ୍ତିର ମୂଲ୍ୟବୋଧ ପ୍ରସାର କରିଥିଲା ।

ଆଜି ହୁଗୁଳି କୂଳକୁ ଯାହା ଫେରିଛି, ତାହା ସ୍ୱୟଂ ଯୋଗ ନୁହେଁ - ଯାହାର ଅସ୍ତିତ୍ୱ ଭାରତରେ କେବେହେଲେ ଶେଷ ହୋଇନଥିଲା - ବରଂ ଯୋଗ ପ୍ରତି ସେହି ନୂତନ ବିଶ୍ୱବ୍ୟାପୀ ସ୍ୱୀକୃତି ଓ ପ୍ରଶଂସା, ଯାହା ଭାରତର ପ୍ରାଚୀନ ଋଷିମାନଙ୍କଠାରୁ ଆରମ୍ଭ ହୋଇଥିଲା ଏବଂ ବିଶ୍ୱ ପ୍ରତି ବିବେକାନନ୍ଦଙ୍କ ବାର୍ତା ମାଧ୍ୟମରେ ଏକ ନୂତନ ଅଭିବ୍ୟକ୍ତି ପାଇଥିଲା ।

ଏହା ବଙ୍ଗର ହୁଗୁଳି ନଦୀ କୂଳକୁ - ପୁନର୍ଜୀବିତ, ପୁନଃ-ସ୍ୱୀକୃତ ଏବଂ ପୁନଃ-ପ୍ରତିଷ୍ଠିତ ହୋଇ - ଫେରିଆସିଛି, ଯେଉଁଠାରେ ବେଲୁଡ଼ର ମଠ ଆଜି ମଧ୍ୟ ସେହି ଯାତ୍ରାର ଏକ ଜୀବନ୍ତ ସ୍ମାରକୀ ଭାବରେ ଠିଆ ହୋଇଛି । ଆଜି, ଯେତେବେଳେ ସମଗ୍ର ବିଶ୍ୱରେ ଯୋଗ ଅଭ୍ୟାସ କରାଯାଉଛି ଏବଂ ବିଶ୍ୱ ଯୋଗକୁ ଏକ 'ସ୍ୱର୍ଣନାତୀତ ସାଂସ୍କୃତିକ ଐତିହ୍ୟ' ଭାବରେ ସ୍ୱୀକୃତି ଦେଉଛି - ଏହା ମନେ ରଖିବା ଜରୁରୀ ଯେ ଯୋଗର ଏହି ବିଶ୍ୱବ୍ୟାପୀ ଯାତ୍ରାର କେନ୍ଦ୍ରବିନ୍ଦୁ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ମିଶନରେ ହିଁ ରହିଥିଲା ।

ଆଜି, କୋଲକାତାରେ ଅନ୍ତର୍ଜାତୀୟ ଯୋଗ ଦିବସର ପାଳନ ସହିତ ଏହା ଯୋଗର ସେହି ଭୂମିକୁ ଏକ ସୁନ୍ଦର ପ୍ରତ୍ୟାବର୍ତନ ଭଳି ମନେହେଉଛି, ଯେଉଁଠାରୁ ଏହାର ବାର୍ତା ବିଶ୍ୱ ମଂଚକୁ ନିଜର ଯାତ୍ରା ଆରମ୍ଭ କରିଥିଲା । ହୁଗୁଳିର କୂଳ ଆଉଥରେ ଲୋକମାନଙ୍କୁ ଏକାଠି ହେବାର ସାକ୍ଷୀ ସାଜୁଛି, ଯେଉଁମାନେ ଏକ ଏଭଳି ପରମ୍ପରାକୁ ପାଳନ କରୁଛନ୍ତି ଯାହା ସମୁଦ୍ର ପାର ହୋଇଥିଲା ଏବଂ ଅଧିକ ସ୍ୱୀକୃତି ଓ ସମ୍ମାନ ସହିତ ଫେରିଆସିଛି । "ଚିକାଗୋରୁ ହୁଗୁଳି" ପର୍ଯ୍ୟନ୍ତ ଏହି ଯାତ୍ରା କେବଳ ଏକ ସାଧନା ପଦ୍ଧତିର ଯାତ୍ରା ନୁହେଁ; ଏହା ଏକ ମହାନ ଚିନ୍ତାଧାରା ଏବଂ ଏକ ଗଭୀର ଭାବନାର ଯାତ୍ରା । ଯୋଗ ଆଜି ଭୌଗୋଳିକ, ସାଂସ୍କୃତିକ ଓ ଭାଷାଗତ ସୀମାକୁ ଅତିକ୍ରମ କରି ସମଗ୍ର ମାନବଜାତିକୁ ସନ୍ତୁଳନ, କରୁଣା, ଆତ୍ମ-ସଚେତନତା ଏବଂ ଆଭ୍ୟନ୍ତରୀଣ ସମନ୍ୱୟର ସୂତ୍ରରେ ବାନ୍ଧି ରଖିଛି । ମାନବ ମନ ଓ ଆତ୍ମାର ଉନ୍ନତି ପାଇଁ ଏହାର ସାର୍ବଜନୀନ ବାର୍ତା ଆଜି ମଧ୍ୟ ସମାନ ଭାବରେ ପ୍ରସଙ୍ଗିକ ରହିଛି, ଯାହା ବିଶ୍ୱ ଭ୍ରାତୃତ୍ୱ ଓ ଶାନ୍ତିର ଭାବନାକୁ ଆହୁରି ସୁଦୃଢ଼ କରୁଛି ।

**(ଲେଖକ, କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ (ସ୍ୱାଧୀନ ଦାୟିତ୍ୱ) ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ)**

# ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ

ଯାଜପୁର:(ନି.ପ୍ର.) ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏକ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ କ୍ରୀଡ଼ା, କଳା ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ଯାଜପୁରର ଏକ ସମୃଦ୍ଧ ପରମ୍ପରା ରହିଛି । ସେହି ଉତ୍କୃଷ୍ଟ ଐତିହ୍ୟ ଏବଂ ବିକାଶର ଧାରାକୁ ସକାରାତ୍ମକ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ପୂର୍ବରୁ ସୋସିଆଲ ମିଡିଆ ଏକ ପ୍ରୟୋଗ ଭାବେ ଆରମ୍ଭ ହୋଇଥିଲା, କିନ୍ତୁ ବର୍ତମାନ ଏହାର ପ୍ରଭାବଶାଳୀ ଭୂମିକା ରହିଛି । ତେଣୁ ସମାଜକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ଉଚିତ ବୋଲି ମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ । ସ୍ଥାନୀୟ ଅଂଚଳର ଲୁକ୍କାୟିତ ପ୍ରତିଭା, ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀ, କଳାକୃତି, ସ୍ଥାନୀୟ ସମସ୍ୟା, ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦିଗରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ । ଏହାସହ ମନ୍ତ୍ରୀଙ୍କ ସମେତ ବଡ଼ଚଣା ବିଧାୟକ, ଧର୍ମଶାଳା ବିଧାୟକ ଏବଂ ଜିଲ୍ଲାପାଳ ଯାଜପୁର ଜିଲ୍ଲାର ସାମଗ୍ରିକ ବିକାଶ, କ୍ରୀଡ଼ା ପ୍ରତିଭା, ଐତିହ୍ୟ ସଂସ୍କୃତିର ପ୍ରଚାର ପ୍ରସାରକୁ ନେଇ ବିଭିନ୍ନ ବିଷୟରେ ବୁଦ୍ଧିଜୀବୀ ଏବଂ କଂଟେଂଟ କ୍ରିଏଟରମାନଙ୍କ ସହ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ "ବିକାଶର ଧାରା, ଓଡ଼ିଶାର ସାରା" ସଙ୍କଳ୍ପକୁ ସାକାର କରି ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ବିଭିନ୍ନ ମତାମତ ଓ ପରାମର୍ଶ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ' ଏବଂ ସରକାରଙ୍କ ଯୋଜନା ସମ୍ବଳିତ ସୂଚନା ପତ୍ର ବଂଟନ କରାଯାଇଥିଲା । ଏହି ସମ୍ମିଳନୀରେ ଜିଲ୍ଲାର କଂଟେଂଟ କ୍ରିଏଟର, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱ, ସମାଜସେବୀ, ବୁଦ୍ଧିଜୀବୀ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ଭଦ୍ରକ : ଭଦ୍ରକ କଟସାହି ସ୍ଥିତ ସହୀଦ ସ୍ମୃତି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଯୋଗ ଦେଇଛନ୍ତି । ସୂଚନାଯୋଗ୍ୟ ପୂର୍ବରୁ ଅଧ୍ୟକ୍ଷା ଥିବା ତିଳୋତମା ଦାଶ ଅବସର ନେବା ପରେ ନୂତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ପଣ୍ଡା ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଶୈକ୍ଷଣିକ ପରିବେଶକୁ ଉନ୍ନତ ଧରଣର କରିବା ସହିତ ସମସ୍ତଙ୍କ ସହଯୋଗରେ ଅନୁଷ୍ଠାନକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ଅଟନ୍ତି ।

# ବର୍ଷାକୁ ନେଇ ୨୧ ଜିଲାକୁ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ



ଭୁବନେଶ୍ୱର : ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବା ବେଳେ ଆଗାମୀ ୪ରୁ ୫ ଦିନ ମଧ୍ୟରେ ସାରା ଓଡ଼ିଶାକୁ ଛୁଇଁବ । ତେବେ ମୌସୁମୀ ଓ କାଳବୈଶାଖୀ ପ୍ରଭାବରେ ରାଜ୍ୟରେ କିଛି ସ୍ଥାନରେ ବର୍ଷା ଜାରି ରହିଥିବା ବେଳେ ୨୪ ଘଂଟାରେ ସବୁ ଜିଲା ଭିଜିବ । ତେବେ ଉପକୂଳର ୧୪ ଜିଲାରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ଗୁଳୁଗୁଳି ଜାରି ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ଗଜପତି ଜିଲାରେ ବର୍ଷା, ବଜ୍ରପାତ ସହ ୫୦ରୁ ୬୦ କିମି ବେଗରେ ଝଟକା ପବନର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣି ଦିଆଯାଇଛି । ବାକି ୨୧ଟି ଜିଲାୟେଲୋ ୱାର୍ଣ୍ଣି ଜାରି ହୋଇଛି ।









# ଫ୍ରାନ୍ସର ଏଭିଆନରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଶୀର୍ଷକ ଅଧିବେଶନରେ ଉଦ୍‌ବୋଧନ ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଫ୍ରାନ୍ସର ଏଭିଆନରେ ଅନୁଷ୍ଠିତ ଜି୭ ଶିଖର ସମ୍ମିଳନୀରେ 'ସମସ୍ତଙ୍କ ପାଇଁ ଏକ ସନ୍ତୁଳିତ, ସହଭାଗୀ ଏବଂ ନିରନ୍ତର ଆର୍ଥିକ ଅଭିବୃଦ୍ଧିର ପୁନରୁଦ୍ଧାର ' ଶୀର୍ଷକ ଆଲୋଚନା ଅଧିବେଶନକୁ ସମ୍ବୋଧିତ କରିଛନ୍ତି । ସାଧାରଣ ଏବଂ ନିରନ୍ତର ଅଭିବୃଦ୍ଧି ଉପରେ ଶିଖର ସମ୍ମିଳନୀର ଗୁରୁତ୍ୱକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଯେତେବେଳେ ବିଶ୍ୱ ଅନିଶ୍ଚିତତା ଦ୍ୱାରା ପ୍ରଭାବିତ ହେଉଛି, ସେତେବେଳେ ନିରନ୍ତର ଅଭିବୃଦ୍ଧି ଉପରେ ବାର୍ତ୍ତା ସାରା ବିଶ୍ୱରେ ଅର୍ଥପୂର୍ଣ୍ଣ ଭାବରେ ଗ୍ରହଣ କରାଯିବ । ଅଭିବୃଦ୍ଧି କେବଳ ଜିଡିପି କିମ୍ବା ବାଣିଜ୍ୟ ସଂଖ୍ୟା ନୁହେଁ, ବରଂ ଲୋକଙ୍କ ଅନ୍ତର୍ଭୁକ୍ତି ଏବଂ କଲ୍ୟାଣ ଉପରେ ଏହାର ପ୍ରକୃତ ପ୍ରଭାବ ପଡ଼ିବା ଉଚିତ ବୋଲି ସେ କହିଥିଲେ । ଏହି ପରିପ୍ରେକ୍ଷୀରେ, ସେ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' (ସମସ୍ତଙ୍କ ସହିତ, ସମସ୍ତଙ୍କ ପାଇଁ ବିକାଶ, ସମସ୍ତଙ୍କ ବିଶ୍ୱାସ, ଏବଂ ସମସ୍ତଙ୍କ ପ୍ରୟାସ) ନୀତି ଉପରେ ଆଧାରିତ ଭାରତର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି କାହାଣୀ ଉପରେ ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର 'ସମାବେଶୀ ଅଭିବୃଦ୍ଧି' ମନ୍ତ୍ର ଏହାର ଅନ୍ତର୍ଜାତୀୟ ସମ୍ପର୍କକୁ ମଧ୍ୟ ମାର୍ଗଦର୍ଶନ କରେ, ଯାହା 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ନୀତି ସହିତ ଏହାର ଜି୨୦ ଅଧ୍ୟକ୍ଷତା ସମୟରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥିଲା । ସେ ଆହୁରି ଉଲ୍ଲେଖ କରିଥିଲେ ଯେ, ଏହି ସମାନ ଦୃଷ୍ଟିକୋଣ 'ଭାରତ – ମଧ୍ୟପ୍ରାଚ୍ୟ - ୟୁରୋପ ଅର୍ଥନୈତିକ କରିଡର' (ଆଇଏମଇସି) ଧାରଣାକୁ ମାର୍ଗଦର୍ଶନ କରିଥିଲା, ଯାହାର ଲକ୍ଷ୍ୟ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା, ନିବେଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା । ଦକ୍ଷିଣ ବିଶ୍ୱ ଉପରେ ସଙ୍କଟ ଏବଂ ସଂଘର୍ଷର ପ୍ରତିକୂଳ ପ୍ରଭାବ ଉପରେ ଆଲୋକପାତ କରି, ସେ ସେମାନଙ୍କର ବୋଝକୁ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସଂହତି ପାଇଁ ଆହ୍ୱାନ କରିଥିଲେ । ସେ ପରାମର୍ଶ ଦେଇଥିଲେ ଯେ, ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଆର୍ଥିକ ଶକ୍ତିକୁ ମଜବୁତ କରିବା ପାଇଁ ସକ୍ଷମ ସମର୍ଥନ ପ୍ରଣାଳୀ ପ୍ରତିଷ୍ଠା କରିବା ଉଚିତ । ସେ ଆଇଏମଇସି ଧାରାରେ ଆଫ୍ରିକା, ଲାଟିନ୍ ଆମେରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ ରାଷ୍ଟ୍ରଗୁଡ଼ିକୁ ଯୋଡିବା ପାଇଁ ସଂଯୋଗ ପ୍ରକଳ୍ପଗୁଡ଼ିକ ବିଷୟରେ ବିଚାର କରିବାକୁ ମଧ୍ୟ ଆହ୍ୱାନ କରିଥିଲେ । ଏହି ଦୃଷ୍ଟିକୋଣକୁ ସାକାର କରିବା ପାଇଁ, ପ୍ରଧାନମନ୍ତ୍ରୀ ଏକ 'ସଂଯୋଗ ଏବଂ ବାଣିଜ୍ୟ ପାଇଁ ଅନ୍ତର୍ଜାତୀୟ ଗତିଶୀଳତା ସହଭାଗୀତା' (ଇମ୍ପାକ୍ଟ) ସୃଷ୍ଟି କରିବାର ପ୍ରସ୍ତାବ ଦେଇଥିଲେ, ଯାହା ଜି୭ ପୁଞ୍ଜି, ଭାରତର ପ୍ରତିଭା ଏବଂ ବିଶ୍ୱ ଦକ୍ଷିଣର ମାଲିକାନାକୁ ଏକତ୍ର କରିବ । ପ୍ରଧାନମନ୍ତ୍ରୀ ଏକ ସ୍ଥିର, ବିଶ୍ୱସ୍ତ ଏବଂ ସମୃଦ୍ଧ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇଥିଲେ । ଉଲ୍ଲେଖ କରିଥିଲେ ଯେ ସମନ୍ୱୟ, ସହଭାଗୀତା ଏବଂ ଭାଗୀଦାରୀ ପ୍ରଗତିରେ ଭାରତର ବିଶ୍ୱାସ ଏହାକୁ ଜି୭ ସଦସ୍ୟ ଏବଂ ଅନ୍ୟ ଦେଶ ସହିତ ବାଣିଜ୍ୟ ଚୁକ୍ତିନାମା କରିବାକୁ ପ୍ରେରଣା ଦେଇଛି ।

# ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱାରୋପ କଲେ ରାଜ୍ୟପାଳ



ଭୁବନେଶ୍ୱର : ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଭୁବନେଶ୍ୱରସ୍ଥିତ ସେଂଟ୍ରାଲ ଇନଷ୍ଟିଟ୍ୟୁଟ ଅଫ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ସେଂଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଂଟର ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଗସ୍ତ ଅବସରରେ ରାଜ୍ୟପାଳ ଉଭୟ ଅନୁଷ୍ଠାନର ଅଧ୍ୟାପକ, ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରି ସେମାନଙ୍କୁ ନବସୃଜନ, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଅବଦାନ ରଖିବାକୁ ଉତ୍ସାହିତ କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଆବଶ୍ୟକ । ଏଥିପାଇଁ ବିଭିନ୍ନ ଉତ୍ପାଦକୁ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ସୂଚନା ସେଥିରେ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ଆଗ୍ରହୀ ଉଦ୍ୟୋଗୀମାନେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉପଲବ୍ଧ ଆର୍ଥିକ ଓ ବୈଷୟିକ ସହାୟତା ସମ୍ପର୍କରେ ସଚେତନ ହୋଇପାରିବେ ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଉତ୍ସାହ ବୃଦ୍ଧି ପାଇବ । ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟାୟକ୍ରମେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଉପରେ ନିର୍ଭରଶୀଳତା କମାଇବାକୁ ଆହ୍ୱାନ ଜଣାଇଥିଲେ । ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ କ୍ୟାମ୍ପସ ପରିସରରେ ସୌର ପ୍ୟାନେଲ ସ୍ଥାପନ କରିବା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ । ଜନକଲ୍ୟାଣମୂଳକ ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ । ଏହା ଦ୍ୱାରା ସେମାନେ ଯୋଜନାଗୁଡ଼ିକର ସୁଫଳ ପାଇବା ସହ ରାଷ୍ଟ୍ର ଗଠନରେ ଅଧିକ ଫଳପ୍ରଦ ଭୂମିକା ନିର୍ବାହ କରିପାରିବେ । ସିଆଇପିଇଟିରେ ରାଜ୍ୟପାଳଙ୍କୁ ପ୍ରିନ୍ସିପାଲ ଡାଇରେକ୍ଟର ଏବଂ ହେଡ୍ ଶ୍ରୀ ପ୍ରମୋଦ କୁମାର ସାହୁ ସ୍ୱାଗତ କରିଥିଲେ । ସଂସ୍ଥାର ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା କାର୍ଯ୍ୟକ୍ରମ ଓ ଶିଳ୍ପ କ୍ଷେତ୍ରକୁ ମିଳୁଥିବା ସହାୟତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ପରିଦର୍ଶନ କରି ଅଧ୍ୟାପକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଚାଲିଥିବା ଗବେଷଣା ଓ ପରୀକ୍ଷଣ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳ ଅବଗତ ହେବା ସହ ସମାଜର ଆବଶ୍ୟକତା ପୂରଣ କରୁଥିବା ଉତ୍ପାଦ ଓ ପ୍ରଯୁକ୍ତିର ବିକାଶ ପାଇଁ ସଂସ୍ଥାର ପ୍ରୟାସକୁ ପ୍ରଶଂସା କରିଥିଲେ । ସିଟିଟିସିରେ ରାଜ୍ୟପାଳଙ୍କୁ ଇନ୍-ଚାର୍ଜ ଜେନେରାଲ ମ୍ୟାନେଜର ଡ. କେ. ଏମ. ରାଜନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ । ପ୍ରଶିକ୍ଷଣ, ଉତ୍ପାଦନ, ପରାମର୍ଶ ଏବଂ ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ଅନୁଷ୍ଠାନର କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ଓ ୱର୍କସପ ପରିଦର୍ଶନ କରି ଦକ୍ଷତା ବିକାଶ ଏବଂ ଆଂଚଳିକ ଶିଳ୍ପ ବିକାଶ କ୍ଷେତ୍ରରେ ସିଟିଟିସିର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଥିଲେ ।







Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି